## ଚାନ୍ଦୋତରାକୁ ବ୍ଲକ୍ ମାନ୍ୟତା ଦାବିରେ ବିଧାୟକଙ୍କୁ ଦାବିପତ୍ର



ବଙ୍ଗୋମୁଣ୍ଡା, ୭ ।୧(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ମୁଖ୍ୟାଳୟଠାରୁ ୧୮ କିଲୋମିଟର ରାଜ୍ୟରାଜପଥ ୧୬ ଓ ୪୨ କଡ଼ରେ ଥିବା "ଚାନ୍ଦୋତରା "କୁ ୧୯ ୯୩ ମସିହାରୁ ବ୍ଲକ ଦାବି ହେଉଥିଲେ ବି ଆଜି ପର୍ଯ୍ୟନ୍ତ ବ୍ଲକ୍ ଘୋଷଣା ହୋଇନାହିଁ। ମଙ୍ଗଳବାର ଚାନ୍ଦୋତରା ବ୍ଲକ୍ କ୍ରିୟାନୁଷ୍ଠାନ କମିଟି ସଦସ୍ୟ କଣ୍ଟାବାଞ୍ଜି ବିଧାୟକ ଲକ୍ଷଣ ବାଗଙ୍କୁ ତାଙ୍କ ବାସଭବନରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଚାନ୍ଦୋତରା ସରପଞ୍ଚ ଜିତେନ୍ଦ୍ର ବଛା, ଯାମଖୁଣ୍ଟା ସରପଞ୍ଚ ଉଦ୍ଧବ ବେହେରା, ଭୁର୍ଷାଗୁଡା ସରପଞ୍ଚ କୁମାରୀ ପୁଷ୍ପାଞ୍ଜଳୀ ଛୁରା, ଗନ୍ଧର୍ଲା ସରପଞ୍ଚ ପ୍ରତିନିଧି ପ୍ରଦୀପ ଜାଲ, ପୂର୍ବତନ ବଙ୍ଗୋମୁଣ୍ଡା ବ୍ଲକଚ୍ୟାରମେନ ପୂର୍ଣ୍ଣଚନ୍ଦ୍ର ବେହେରା, ଦେବକୁମର ବଛା, ରୂପଧର ଯୁଗ୍ନୀଆ, କ୍ଷେତ୍ର ବେହେରା ଉପସ୍ଥିତ ଥିଲେ। ବ୍ଲକ୍ ଠାରୁ ଚାନ୍ଦୋତରା, ଭୁର୍ଷାଗୁଡା, ଗନ୍ଧର୍ଲା, ଜାମଖୁଣ୍ଟା ପଞ୍ଚାୟତ ଗୁଡିକ ଓ ଟିଟିଲାଗଡ଼ ବ୍ଲକର କୁରସୁଡ଼ -ଦିଗସିରା ଅଞ୍ଚଳରୁ ପ୍ରାୟ ୩୦ କିମିରୁ ଊର୍ଦ୍ଧ୍ୱ ଦୂର ହୋଇଥିବାରୁ ପଞ୍ଚାୟତ ସମିତି ଓ ତହସିଲ କାର୍ଯ୍ୟ ନିମନ୍ତେ ବ୍ଲକ୍ ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ବାରମ୍ବାର ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ପଡିଥାଏ ବୋଲି ମତ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ନୂତନ ବ୍ଲକ୍ ଗଠନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।

● ଖପ୍ରାଖୋଲରେ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

## ଆରମ୍ଭ ହେଲା କଂସଙ୍କ ରାଜୁତି



ଖପ୍ରାଖୋଲ, ୭ ।୧(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲର ସ୍ଥାନୀୟ ଧନୁଯାତ୍ରା ପଡ଼ିଆଠାରେ ଚତୁର୍ଥ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। କମିଟି ସଭାପତି ବୁଲୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ସମ୍ମାନିତ ଅତିଥି ଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ଥାନା ଅଧିକାରୀ ନରେନ୍ଦ୍ର ଛତର, ଉପମୁଖ୍ୟ ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସରପଞ୍ଚ ବେଟିଖାଇ ସେହ୍ରୀଆ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ହରିଶଙ୍କର ମହାବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ଦାଶ ପରିଚାଳନା କରିଥିବା ବେଳେ ବିନୋଦ ସାହୁ, ଦିଲୀପ ଗଡ଼ତ୍ୟା, ସୁଶୀଲ ପ୍ରଧାନ, ରଞ୍ଜନ ସାହୁ, ଈଶ୍ୱର ମେହେର, ପରଖିତ ସାହୁଙ୍କ ସମେତ ଆୟୋଜକ କମିଟିର ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀଅନ୍ନ ଅଭିଯାନ ତରଫରୁ ମିଲେଟ ପ୍ରସ୍ତୁତ ଖାଦ୍ୟ ମେଳା ଆରମ୍ଭ ହୋଇଥିବାବେଳେ ଆଗାମୀ ୧୨ତାରିଖ ଯାଏଁ ଏହି ଧନୁଯାତ୍ରା ମହୋତ୍ସବ ଅନଷ୍ଠିତ ହେବ ବୋଲି କମିଟି ତରଫରୁ ସୂଚନା ମିଳିଛି।

## ଭିନ୍ନକ୍ଷମଙ୍କ ସେବା ପାଇଁ ଆଶା ସଂଗଠନ ସମ୍ମାନିତ

ଟିଟିଲାଗଡ଼,୭ ।୧(ସମିସ): ସ୍ଥାନୀୟ ଆଶା ସଂଗଠନ ଭିନ୍ନକ୍ଷମଙ୍କ କଲ୍ୟାଣ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ସମ୍ମାନିତ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା - ରେୟାର ସଂଗଠନ ଦ୍ୱାରା ଆୟୋଜିତ କସ୍ତୁରୀ-୨୦୨୫ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଆଶାର କାର୍ଯ୍ୟନିର୍ବାହୀ ସଂଯୋଜକ ସଞ୍ଜୀବ ପଟ୍ଟନାୟକଙ୍କୁ ଏନେଇ ସମ୍ମାନିତ କରିଛନ୍ତି। ଏହି




ଅବସରରେ ରେୟାର ସିଇଓ ଅନଙ୍ଗ ନେଗୀ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଆଶା ସଂସ୍ଥା ଦଳର ସମର୍ଥନରେ ସେ ୧୫୦ ଜଣ ବୌଦ୍ଧିକ ଅକ୍ଷମ ପିଲାଙ୍କୁ ଫିଜିଓଥେରାପି ସେବା ପ୍ରଦାନ ଏବଂ ୫୦୦୦ ଚାଷୀ ପରିବାରକୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ଯୋଡ଼ିଛନ୍ତି। ଏହା ସହିତ ସମାଜରେ ଅବହେଳିତ ଗୋଷ୍ଠୀମାନଙ୍କୁ ସଶକ୍ତ କରିବା ପାଇଁ ଅନ୍ୟମାନଙ୍କ ପାଇଁ ମଧ୍ୟ ପ୍ରେରଣାଦାୟୀ ବୋଲି ରାଜ୍ୟ ସରପଞ୍ଚ ମହାସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ ଶୁଭେଚ୍ଛା ଜଣାଇଛନ୍ତି।

ଶୁଳିଆ ଯାତ୍ରା ସମ୍ପନ୍ନ

# ପଶୁପକ୍ଷୀଙ୍କ ରକ୍ତରେ ଭିଜିଲା ପୀଠ



ବଲାଙ୍ଗିର/ଦେଓଗାଁ ୭।୧(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍‌ରେ ବହୁ ପ୍ରସିଦ୍ଧ ଶୁଳିଆ ଯାତ୍ରା ମଙ୍ଗଳବାର ସମ୍ପନ୍ନ ହୋଇଛି। ହଜାର ହଜାର ଭକ୍ତ ସେମାନଙ୍କ ମନୋସ୍କାମନା ପାଇଁ ବଳି ଚଢ଼ାଇଥିଲେ। ଶହଶହ ପଶୁପକ୍ଷୀଙ୍କ ବଳିପଡ଼ି ରକ୍ତରଞ୍ଜିତ ହୋଇଥିଲା ସୁଳିଆ ପୀଠ। ଏହାକୁ ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରରୁ ଭକ୍ତମାନେ ଖଇରଗୁଡ଼ା ଓ କୁମୁରିଆ ଖଳାକୁ ଆସି ଶୁଳିଆ ବୁଢାଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ ନେତାମାନେ ମଧ୍ୟ ଶୁଳିଆ ବୁଢାଙ୍କ ଶରଣରେ ଆସିଥିବା ଦେଖିବାକୁ ମିଳିଥିଲା। ମବଙ୍ଗଳବାର ପ୍ରାତଃରୁ ଆଦିବାସୀମାନେ ପାରମ୍ପାରିକ ବାଦ୍ୟ ସହ ଅସ୍ତ୍ରଶସ୍ତ୍ର ଧାରଣକରି ଏକ ଶୋଭାଯାତ୍ରାରେ ଖଇରଗୁରାର ବଡ଼ଖଲା ଏବଂ କୁମୁରିଆର ସାନଖଲାରେ ପହଞ୍ଚିଥିଲେ। ଏହି ଦୁଇ ପୀଠରେ ନଡ଼ିଆ ଭୋଗ ସହ ପ୍ରଥମେ କୁକୁଡ଼ା ଓ ପରେ ପାଟବୁଦା ବଳି ଚଢ଼ାଯାଇଥିଲା। ଆଦିବାସୀ ଓ କନ୍ଧ ସମ୍ପ୍ରଦାୟର ଧର୍ମ ଭାବନା ଓ ବିଶ୍ୱାସର ପ୍ରତୀକ ଭାବେ ଶୁଳିଆ ଯାତ୍ରାରେ ଅନେକ ମାନସିକ ଧାରି ହଜାର ହଜାର ପଶୁ ପକ୍ଷୀଙ୍କୁ ବଳି ଚଢ଼ାଇଛନ୍ତି।



### ଶୁଳିଆ ଦେବତାଙ୍କୁ ଦର୍ଶନକଲେ ନେତାଗଣ





ଆଦିବାସୀ ଓ କନ୍ଧ ସମ୍ପ୍ରଦାୟର ବିଶ୍ୱାସ ଓ ପରମ୍ପରା ସହକାରେ ପାଳିତ ହେଉଛି ଶୁଳିଆ ଯାତ୍ରା। ଏହି ଯାତ୍ରାରେ ଦିନ ତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥାଏ। ଲୋକଙ୍କ ଗହଳିର ସୁଯୋଗକୁ କିଏ ବା ହାତ ଛଡ଼ା କରିବ। ତେଣୁ ଜିଲ୍ଲାର ଚର୍ଚ୍ଚିତ ଚେହେରା ନେତା ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ତଥା ପୂର୍ବତନ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ତଥା ଆଦିବାସୀ ନେତା ସୁରେନ୍ଦ୍ର ସିଂଭୋଇ, କନ୍ଧମାଳ ପୂର୍ବତନ ବିଧାୟକ ମହିଧର ରଣାଙ୍କୁ ଯାତ୍ରାସ୍ଥଳରେ ଦେଖିବାକୁ ମିଳିଥିଲା। ଏଥିସହ ଶୁଳିଆ ଠାକୁରଙ୍କ ଆଶୀର୍ବାଦ ନେବା ପାଇଁ ହଜାର ହଜାର ଭକ୍ତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୁଲିସ ପକ୍ଷରୁ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### ଚାରିପଟେ ଭୋଜିଭାତର ଆସର

ଶୁଳିଆ ଯାତ୍ରାକୁ ମାନସିକଧାରୀମାନେ ଛେଳି, ମେଣ୍ଢା, କୁକୁଡ଼ା, ପୋଢ଼ ଇତ୍ୟାଦି ନେଇ ଶୁଳିଆ ପୀଠରେ ବଳି ଦେଉଥିଲେ। ବଳି ଦେଲାପରେ ପରିବାର ବର୍ଗ, ସାଙ୍ଗ ସାଥୀଙ୍କ ସହ ଶୁଳିଆ ପୀଠର ଆଖପାଖ ଅଞ୍ଚଳରେ ଭୋଜିର ଆସର ଦେଖିବାକୁ ମିଳିଥିଲା। ଅନ୍ୟବର୍ଷ ଠାରୁ ଏବର୍ଷ ଲୋକଙ୍କ ଗହଳି ଯେତିକି ସମାଗମ ଥିଲା ଭୋଜି କରିବାକୁ ଜାଗାପାଇଁ ଲୋକଙ୍କ ମଧ୍ୟରେ ଟଣାଓଟରା ହେଉଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଫଳରେ ଚଳିତବର୍ଷ ଦିନକ ପାଇଁ ଉଭୟ ଶୁଳିଆ ପୀଠ ଅଞ୍ଚଳଟି ପର୍ଯ୍ୟଟନସ୍ଥଳୀ ଭଳି ଲାଗୁଥିବା ଶୁଣିବାକୁ ମିଳୁଥିଲା।

### କାଟୁ କଲାନି କଟକଣା, ମାଲାମାଲ ହେଲେ ମଦ ବେପାରୀ

ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରୁ ଏପରିକି ଜିଲ୍ଲା ଭିତରୁ ଶ୍ରଦ୍ଧାଳୁମାନେ ଶୁଳିଆ ପୀଠକୁ ଆସିଥାନ୍ତି। କିଏ ମାନସିକ କରିଥିବାବେଳେ ଆଉ କେତେକ କେବଳ ବରଷକେ ଥରେ ଯାତ୍ରା ଦେଖିବାପାଇଁ ଆସିଥାନ୍ତି। ଆଜି ଗୌରଗୋଠ ଛକ ଠାରୁ କୁଲତାପଡ଼ା ଛକ ପର୍ଯ୍ୟନ୍ତ ଏପରିକି ଯାତ୍ରାସ୍ଥଳୀ ଗୁଡିକରେ ଦେଇଥିବା ବିଭିନ୍ନ ଦୋକାନ ଗୁଡ଼ିକରେ ବେଆଇନ ମଦ ବିକ୍ରି ହେଉଥିବା ନଜରକୁ ଆସିଥିଲା। ଉକ୍ତ ଯାତ୍ରାସ୍ଥଳରେ ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନ ଉପସ୍ଥିତ ଥାଇ ମଧ୍ୟ ସମସ୍ତେ ଜାଣି ନ ଜାଣିଲା ପରି ଚୁପ୍ ହୋଇ ଦେଖୁଥିବା ସାଧାରଣରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ଏ ଅଞ୍ଚଳରେ ଦିନକ ପାଇଁ ସତେ ଯେପରି ବେଆଇନ ମଦ ବେପାରୀଙ୍କ ପାଇଁ ପୌଷ ମାସ ପାଲଟିଥିଲା।

### ଟଣା ଓଟରାରେ ବନ୍ଦ ହେଲା ମହୋତ୍ସବ

ଆଜକୁ ୪ବର୍ଷ ହେଲା ଶୁଳିଆପଦାରେ ଶୁଳିଆ ମହୋତ୍ସବ ଅନୁଷ୍ଠିତ ହୋଇଆସୁଥିଲା। କିନ୍ତୁ ଉଭୟ ଖଳାର କର୍ମକର୍ତ୍ତାମାନଙ୍କୁ ନ ନେଇ ୨ଟି ସ୍ଥାନରେ ମହୋତ୍ସବ ଆୟୋଜନକୁ ନେଇ ଚଳିତବର୍ଷ ଟଣାଓଟରା ଲାଗି ରହିଥିଲା। ଗୋଟିଏ ଗୋଷ୍ଠୀ ଗୋଟିଏ ସ୍ଥାନରେ ମହୋତ୍ସବ କୁ ଅନୁମତି ଦିଆଯାଉ ବୋଲି ଜିଦ୍‌ରେ ଅଟଳ ରହିଥିବା ବେଳେ ଅନ୍ୟଗୋଷ୍ଠୀ ମହୋତ୍ସବ ନିଶ୍ଚିୟ ହେବ ବୋଲି ପ୍ରଶାସନ ପାଖରେ ରୋକଠୋକ ଶୁଣାଇଥିଲେ। କିନ୍ତୁ ଆଇନଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ଜିଲ୍ଲାପାଳ ଉଭୟ ସ୍ଥାନର ମହୋତ୍ସବକୁ ଅନୁମତି ନଦେଇ ମହୋତ୍ସବ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଯାତ୍ରାସ୍ଥଳରେ ମହୋତ୍ସବକୁ ନେଇ ଲୋକଙ୍କ ମଧ୍ୟରେ ବିଭିନ୍ନ ଆଲୋଚନା ହେଉଥିବା ଶୁଣିବାକୁ ମିଳିଥିଲା।

ସରକାରଙ୍କ ଶୂନ୍ୟ ସହନଶୀଳତା ନିର୍ଦ୍ଦେଶକୁ ଫୁଁ'

## ଅନିୟମିତତା ନେଇ ଅଭିଯୋଗ ହେଉଛି; କାର୍ଯ୍ୟାନୁଷ୍ଠାନ ଶୂନ

ବଲାଙ୍ଗିର,୭ ।୧(ସମିସ): କୁଆଡେ ଗଲା ରାଜ୍ୟ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି। ଧାନକିଣାରେ ଅବ୍ୟବସ୍ଥା ଓ ଅନିୟମିତତା କରୁଥିବା କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆସିଲେ ସଙ୍ଗେ ସଙ୍ଗେ ତଦନ୍ତ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗୀୟ ମନ୍ତ୍ରୀଙ୍କ ଠାରୁ ଆରମ୍ଭକରି ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ପ୍ରତିକ୍ରିୟା ରଖୁଛନ୍ତି। କିନ୍ତୁ ଏହା ବଲାଙ୍ଗିର ଜିଲ୍ଲାରେ ମିଛ ସାବ୍ୟସ୍ତ ହୋଇଛି। ଧାନକିଣା ଠାରୁ ଆରମ୍ଭ କରି ଅନେକ ପାକ୍ସ ଓ ମିଲରଙ୍କ ନାମରେ ଅଭିଯୋଗ ହୋଇସାରିଛି କିନ୍ତୁ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ତଦନ୍ତ ମଧ୍ୟ କରାଯାଉ ନ ଥିବା ଅଭିଯୋଗ ହୋଇଛି। ବୁର୍ଡା, ବଡ଼ଟିକା, ସଇଁନ୍ତଳା, ପୁଇଁନ୍ତଳା, ଛତାପିପଲ, ପିପିର୍ଡା ଏହିଭଳି ଅନେକ ପାକ୍ସ ରହିଛି ଯେଉଁଠି ଚାଷୀଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ରହିଛି କିନ୍ତୁ ଆଜିଯାଏଁ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ।

ଆଗଲପୁର ବ୍ଲକ୍ ବଡ଼ଟିକା ପାକ୍ସରେ ପାଖାପାଖି ୪ଶହ କ୍ୱିଣ୍ଟାଲ ଧାନ ମିଛ ଏଣ୍ଟ୍ରି କରାଯାଇଥିବା ଅଭିଯୋଗ ହୋଇଥିଲା। ସମଲେଶ୍ୱରୀ ପେଡି ପ୍ରୋସେସିଂ ଓ ପାକ୍ସ ସମ୍ପାଦକ ମିଶି ଏହି କଳାକାରବାର କରିଥିବା ନେଇ ଅଭିଯୋଗ ହୋଇଥିବାବେଳେ ସମ୍ପୃକ୍ତ ମିଲର କେଉଁ ତାରିଖରେ କେତେ ଧାନ କେଉଁ ଗାଡିରେ ଉଠାଇଛନ୍ତି ତାହାର ସୂଚନା ଦେବାକୁ

● ବଡ଼ଟିକା ଓ ବୁର୍ଡା ପାକ୍ସ ଅନିୟମିତତା ଘଟଣା

ପାକ୍ସ ସମ୍ପାଦକ ମନା କରିଥିଲେ। ସିସିଟିଭି ଫୁଟେଜ ମଧ୍ୟ ଦେଖାଇବାକୁ ମନା କରିଦେଇଥିଲେ। ଏନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଡିଆରସିଏସ୍ କାର୍ଯ୍ୟାଳୟର ଜଣେ ଅଧିକାରୀ ଆସି ଲୁଚାଛପାରେ ତଦନ୍ତ କରିଥିଲେ। ଏହାପରେ ଯୋଗାଣ ବିଭାଗର ଏକ ଟିମ୍ ଏହାର ତଦନ୍ତ କରିବ ବୋଲି ଜଣାପଡ଼ିଛି। ମିଛ ଏଣ୍ଟ୍ରି ଅଭିଯୋଗର ତଦନ୍ତ ପରେ ଏହା ସତ ନା ମିଛ ଜଣାପଡିଛି ତାକୁ ନେଇ ଏଆରସିଏସଙ୍କୁ ପଚାରିବାରୁ ସେ କିଛି କହିବାକୁ ମନା କରିଦେଇଥିଲେ। ଯୋଗାଣ ଅଧିକାରୀ ମଧ୍ୟ ତଦନ୍ତ ପରେ ସୂଚନା ଦେବେ ବୋଲି କହିଥିଲେ। ସମବାୟ ବିଭାଗ ପାକ୍ସ ସମ୍ପାଦକଙ୍କୁ ସୁରକ୍ଷା ଦେବାକୁ ଉଦ୍ୟମ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ସେହିପରି କିଛିଦିନ ତଳେ ବୁର୍ଡା ପାକ୍ସରେ ହେଉଥିବା ଅନିୟମିତତା ସାମ୍ନାକୁ ଆସିଥିଲା। ଡାଟା ଏଣ୍ଟ୍ରି ଅପରେଟର ନିଜ ଇଚ୍ଛାରେ ଟୋକନ ପାଇଥିବା ଚାଷୀଙ୍କ ତାଲିକାରେ ଚଞ୍ଚକତା କରି ଧାନକିଣିଥିଲେ ତାହା ସ୍ପଷ୍ଟ ହୋଇଥିଲା। ଏହି ଘଟଣାର ଉପଜିଲ୍ଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ତଦନ୍ତ ଏଯାଏଁ ହୋଇ ନ ଥିବା ଜଣାପଡ଼ିଛି। ତଦନ୍ତ ପାଇଁ ଧାର୍ଯ୍ୟ ତାରିଖରେ ଏହା ହୋଇ ନ ଥିବାବେଳେ ମଙ୍ଗଳବାର ଏକ ଟିମ ବୁର୍ଡା ପାକ୍ସକୁ ଯାଇ ତନାଘନା କରିଥିଲେ। ସମ୍ପୃକ୍ତ ଡିଇଓ ଜଣକ ମାମଲାକୁ ରଫାଦଫା କରିବା ସହ ନିଜ ସୁରକ୍ଷା ବ୍ୟବସ୍ଥା କରିବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି। ଏହା ପୂର୍ବରୁ ଛତାପିପଲ, ପିପିର୍ଡା, ଉପରଝର ପାକ୍ସରେ କିଭଳି ଚାଷୀମାନଙ୍କୁ କଟ୍‌ନି ଛଟନି କରାଯାଉଛି ତାହା ସାମ୍ନାକୁ ଆସିଥିଲା। ଏପରିକି ନିଜେ ପାକ୍ସ ସମ୍ପାଦକମାନେ ଏହାକୁ ସ୍ୱୀକାର କରିଥିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଜିଲ୍ଲାରେ ହେଉଥିବା ଏହି ଅନିୟମିତତା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି।

## ଗଞ୍ଜେଇ ଜବତ, ଦୁଇ ଗିରଫ



ବଲାଙ୍ଗିର,୭ ।୧(ସମିସ): ବଲାଙ୍ଗିର ରେଳଷ୍ଟେସନରୁ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ବଲାଙ୍ଗିର ସହରର ହୋଇଥିବାବେଳେ ଅନ୍ୟଜଣେ ରାଜ୍ୟ ବାହାରର ବୋଲି ସୂଚନା ମିଳିଛି। ସେମାନଙ୍କ ଠାରୁ ମୋଟ ୭ଟି ପ୍ୟାକେଟ ଗଞ୍ଜେଇ ଜବତ କରାଯାଇଛି। ଉଭୟେ ଷ୍ଟେସନରେ ବୁଲୁଥିବାବେଳେ ରେଳବାଇ ପୁଲିସ ଟିମ୍ ସେମାନଙ୍କ ଉପରେ ସନ୍ଦେହ କରି ତାଙ୍କର ଯାଞ୍ଚ କରିଥିଲା। ସେମାନେ ଧରିଥିବା ଏକ ଟ୍ରଲି ବ୍ୟାଗରୁ ଗଞ୍ଜେଇ ବାହାରିଥିଲା। ଗଞ୍ଜେଇ ଜବତ କରିବା ପରେ ଉଭୟଙ୍କୁ ଗିରଫ କରାଯାଇଥିବା ରେଳବାଇ ପୁଲିସ ତରଫରୁ ସୂଚନା ଦିଆଯାଇଛି।

ଚିନ୍ତା ବଢ଼ାଇଲେଣି ଛତିଶଗଡ଼ ହାତୀପଲ

# ରାସ୍ତା ଭୁଲି ଗାଁ ଓ ସହର ନିକଟରେ ବୁଲୁଛନ୍ତି

ବଲାଙ୍ଗିର,୭ ।୧(ସମିସ)



ଗତ କିଛିଦିନ ହେଲା ବନ ବିଭାଗର ନିଦ ହଜାଇଦେଇଛନ୍ତି ଛତିଶଗଡ଼ୀ ହାତୀପଲ। ଛତିଶଗଡ଼ରୁ ବରଗଡ଼ ଜିଲ୍ଲାକୁ ପ୍ରବେଶ କରିଥିବା ଏହି ନଅ ଟିକିଆ ହାତୀପଲ ରାସ୍ତା ଭୁଲି ବଲାଙ୍ଗିର ଜିଲ୍ଲାରେ ପ୍ରବେଶ କରିଥିଲେ। ଗତ ଚାରି ଦିନ ହେଲା ଏହି ହାତୀପଲ ଯୋଗୁ ବନ ବିଭାଗ ନାକଦେମ ହୋଇଥିବାବେଳେ ଏହି ହାତୀପଲ ଯାଉଥିବା ଗାଁ ମାନଙ୍କରେ ମଧ୍ୟ କୋକୁଆ ଭୟ ଦେଖିବାକୁ ମିଳିଛି। ବିଶେଷ କରି ଏହି ହାତୀପଲ ଏହି ଅଞ୍ଚଳରେ ନୂଆ ହୋଇଥିବାରୁ ଯୁଆଡ଼େ ପାରିଲେ ସିଆଡ଼େ ଚାଲିଯାଉଥିବା ଦେଖିବାକୁ ମିଳିଛି। ଏପରିକି ଏହି ହାତୀପଲକୁ ନିୟନ୍ତ୍ରଣ କରିବା ପାଇଁ ବନ ବିଭାଗ ପକ୍ଷରେ ଅସମ୍ଭବ ହୋଇଥିବାରୁ ଦିନକୁଦିନ ଚିନ୍ତା ବଢିଚାଲିଛି।

ସୂଚନା ଅନୁସାରେ ଛତିଶଗଡ଼ରୁ ବରଗଡ଼ ଜିଲ୍ଲାକୁ ପ୍ରବେଶ କରିଥିବା ଏକ ନଅ ଟିକିଆ ହାତୀପଲ ବଲାଙ୍ଗିର ସଦର, ଲୋଇସିଂହା ଓ ପାଟଣାଗଡ଼ ରେଞ୍ଜ ଅଞ୍ଚଳରେ ଗତ ତିନି ଚାରି ଦିନ ହେଲା ଭୟର ବାତାବରଣ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି। ଏହି ହାତୀପଲ ପ୍ରଥମେ ବରଗଡ଼ ଜିଲ୍ଲା ସୀମା ପାରିହୋଇ ବଲାଙ୍ଗିରରେ ପହଞ୍ଚିଥିଲେ। ଲୋଇସିଂହା - ପାଟଣାଗଡ଼ ରେଞ୍ଜ ସୀମା ଦେଇ ସରଗାଡ଼ ଦେଇ ଚନ୍ଦନଭାଟି ନିକଟସ୍ଥ ବଘାପାଲିରେ ପହଞ୍ଚିଥିଲେ। ସେଠାରେ ଦିନେ ରହିବା ପରେ ପୁଣି ରାତିରେ ଖଲିଆପାଲି, ଜଡ଼ାମୁଣ୍ଡା ଦେଇ ଲୋଇସିଂହା ନିକଟତର ହୋଇ ଦୁମଦୁମି ଅଞ୍ଚଳରେ ରହିଥିଲେ। ଦୁମଦୁମିରେ ପହଞ୍ଚିବା ପରେ ଲୋକଙ୍କ ଭିଡ଼ ଜମିଯାଇଥିଲା। ଫଳରେ ସେହି ସଂଧ୍ୟାରେ ପୁଣି ସେମାନେ ଫେରିଯାଇ କୁଶମେଲ, ଫଟାବାହାଲ ଦେଇ ସଦେଇପାଲିରେ ପହଞ୍ଚିଥିଲେ। ରବିବାର ରାତିରେ ଏହି ହାତୀପଲ ସଦେଇପାଲି ଦେଇ ଚନ୍ଦଲି ସଂରକ୍ଷିତ ଜଙ୍ଗଲରେ ରହିଥିବାବେଳେ ସୋମବାର ରାତିରେ ସେମାନେ ପୁଣି ସହର ମୁହାଁ ହୋଇଥିବା ଜଣାପଡ଼ିଥିଲା।

### ହାତୀଙ୍କ ପାଇଁ ରବିବାର ଅନ୍ଧାରରେ ରହିଲା ଅନେକ ଗାଁ

ଏହି ହାତୀପଲକୁ ସହର ଉପକଣ୍ଠ ପଥରଚେପା ଠାରେ ଠାବ କରାଯାଇଥିଲା। ଅନ୍ୟପକ୍ଷରେ ଏହି ହାତୀପଲ ଯୋଗୁ ସଦେଇପାଲି, ମାଧିଆପାଲି, କୁଶମେଲ, ଫଟାବାହାଲ, କୁଟୁମଡୋଲା, ହର୍ଡାଟାଲ ଭଳି ଗାଁମାନଙ୍କରେ ଭୟର ବାତାବରଣ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ସୁଦ୍ଧା ଏହି ଅଞ୍ଚଳର ରାସ୍ତା ଖାଲି ହୋଇଯାଉଥିବା ବେଳେ ଗ୍ରାମବାସୀ ଗାଁ ମୁଣ୍ଡରେ ନିଆଁ ଜାଳି ନିଜ ଧାନ ଓ ଜୀବନ କୁ ବଞ୍ଚାଇବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। ହାତୀପଲକୁ ଘଉଡାଉଇବା ଓ ଗତିବିଧି ଉପରେ ନଜର ରଖିବା ପାଇଁ ବନ ବିଭାଗର ଏକାଧିକ ଟିମ ମୁତୟନ କରାଯାଇଥିବା ବେଳେ ବଲାଙ୍ଗିର ସଦର, ଲୋଇସିଂହା ରେଞ୍ଜର ହାତୀ ସୁରକ୍ଷା ସ୍କ୍ୱାର୍ଡ, ଗଜସାଥୀ ଉଦ୍ୟମ ଚଲାଇଥିବା ଦେଖିବାକୁ ମିଳିଛି। ଏହି ଚାରିଦିନରେ ଏହି ହାତୀପଲ କୌଣସି କ୍ଷୟକ୍ଷତି କରି ନ ଥିବାବେଳେ ଆଗକୁ ଯଦି ଏମାନେ ସହର କିମ୍ବା ଗାଁ ନିକଟରେ ଅଧିକ ସମୟ ରହିଲେ ଲୋକେ ନିଜ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଘଟଣ ଘଟାଇବାର ସମ୍ଭାବନା ରହିଛି। ହାତୀ ଗତିବିଧି ରହିଥିବାରୁ ବିଭିନ୍ନ ସ୍ଥାନରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ ସଂଯୋଗ ମଧ୍ୟ କାଟିଦିଆଯାଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ମଧ୍ୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଲୋକଙ୍କ ସୁରକ୍ଷା ଓ ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ହାତୀପଲକୁ ଜଙ୍ଗଲ ଭିତର କିମ୍ବା ଜିଲ୍ଲା ସୀମାପାରି କରିବା ଦିଗରେ ବନ ବିଭାଗ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।

## ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା

ଦେଓଗାଁ,୭।୧(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଅଧୀନ ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀକଲେଜର ବାର୍ଷିକ କ୍ରୀଡ଼ା ମଙ୍ଗଳବାର ସମ୍ପନ୍ନ ହୋଇଛି। ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ. ସୁରେଶ ପ୍ରସାଦ ଷଡ଼ଙ୍ଗୀଙ୍କ ପରିଚାଳନାରେ ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ଯୋଗଦେଇ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏ ଅବସରରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଆଶିଷ ପଣ୍ଡା, ଅଧ୍ୟାପିକା ସାରଦା ଭଞ୍ଜଦେଓ ଓ ମଞ୍ଜରୀ ପୋଢ଼ ପ୍ରମୁଖ ମଞ୍ଚାସୀନ ଥିଲେ। ଖେଳଶିକ୍ଷକ ଚନ୍ଦ୍ରଶେଖର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କ୍ରୀଡା ଉତ୍ସବରେ ବାଳିକା ବିଭାଗ ଓ ବାଳକ ବିଭାଗରେ ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳିକା ବିଭାଗରେ ତୃତୀୟ ବର୍ଷର ଛାତ୍ରୀ ମନିଷାରାଣୀ ସେଠ ଓ ବାଳକବିଭାଗରେ ଦ୍ୱୀତିୟ ବର୍ଷର ଛାତ୍ର ଅକ୍ଷୟ ସାହୁ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ।

## କୁଲୁତାପଡ଼ା ସରପଞ୍ଚଙ୍କ ମାତୃ ବିୟୋଗ

ଦେଓଗାଁ,୭।୧(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଅଧୀନ କୁଲୁତାପଡ଼ା ସରପଞ୍ଚ ଦୁଷ୍ମନ୍ତ ସାହୁଙ୍କ ମଙ୍ଗଳବାର ମାତୃ ବିୟୋଗ ହୋଇଛି। ଗାଁ ନିକଟସ୍ଥ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ବଡପୁଅ ଦୁଷ୍ମନ୍ତ ମୁଖାଗ୍ନି ଦେଇଥିଲେ। ସାନପୁଅ ଚିତ୍ତରଞ୍ଜନଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣା ମହିଳା ଥିବାବେଳେ ତାଙ୍କ ମୃତ୍ୟୁରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ବିଜେଡି ଯୁବନେତା ଶୈଳେନ୍ଦ୍ର କୁମାର ସାହୁ, ରାଜ ପ୍ରତାପ ସିଂ ଦେଓ, ଅନ୍ତର୍ଯ୍ୟାମୀ ଭୋଇ, ମକାରୁ ନାଏକ ସଞ୍ଜୀବ ମାହାକୁର, ମନୋଜ ବାରିକ ଓ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର ଗଭୀର ଶୋକ ବ୍ୟକ୍ତ କରିଛନ୍ତି।



## ଜାଲିଆତି କରି ଖାଇଗଲେ ମିଶନ ଶକ୍ତି ଟଙ୍କା



**କେସିଙ୍ଗା, ୭ ।୧(ସମିସ):**ଜାଲିଆତି କରି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଟଙ୍କା ଖାଇଦେଇଥିବା ଅଭିଯୋଗ ହୋଇଛି। ମାଛ ଚାଷ ପାଇଁ ଆସିଥିବା ସବ୍‌ସିଡି ଟଙ୍କାକୁ ଚଲୁ କରିବା ପରେ ସଂଘର ଅନ୍ୟା ମହିଳାଙ୍କୁ ନାଲିଆଖି ଦେଖାଇ ଚୁପ୍ ରହିବାକୁ ବାଧ କରାଯାଉଛି। ଅଭିଯୋଗ ଅନୁଯାୟୀ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଫଟକାମାଲ ପଞ୍ଚାୟତ ଅନ୍ତର୍ଗତ ବୋରିଂପଦର୍ ଗାଁର ୧୦ ଜଣ ମହିଳା ମିଶି ବୃନ୍ଦାବତୀ ସ୍ୱୟଂ ସହାୟକ ଗୋଷ୍ଠୀ ଆରମ୍ଭ କରିବା ସହିତ ପୂର୍ବ ସରକାରଙ୍କ ସହାୟତାରେ ଗାଁ ପୋଖରୀରେ ମାଛ ଚାଷ କରିଥିଲେ। କିଛି ଦିନ ପରେ ସେହି ସ୍ୱୟଂ ସହାୟକ ଗୋଷ୍ଠୀର ପୂର୍ବତନ ସମ୍ପାଦିକା ତଥା ବର୍ତ୍ତମାନର ନାଏବ ସରପଞ୍ଚ ତେଜସ୍ୱିନୀ ମାଝୀ ଓ ପୂର୍ବତନ ସଭାପତି ରେବତୀ ମାଝୀ ମିଶି ସ୍ୱୟଂ ସହାୟକ ଗୋଷ୍ଠୀ ନାଁରେ ଏକ ନକଲି ରେଜୁଲେସନ ପାସ କରି ବ୍ୟାଙ୍କ୍‌ରୁ ସବସିଡି ବାବଦକୁ ଜମା ହୋଇଥିବା ୬ ଲକ୍ଷ ୮୮ ହଜାର ୨୦୦ ସହ ଟଙ୍କା ଉଠାଣ କରିଥିବା କୁହାଯାଇଛି। ତେବେ ଏନେଇ ଗୋଷ୍ଠୀର ଅନ୍ୟ ସଦସ୍ୟାମାନେ ଜାଣିବା ପରେ ଏବେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେବା ସହିତ ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ତୁରନ୍ତ ଏସଂକ୍ରାନ୍ତରେ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅବଗତ କାରାଇଥିବା ଜଣାପଡ଼ିଛି।

### ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା

# ‘ଚାଷୀ ହସିଲେ, ଦେଶ ହସିବ’

**ନୂଆପଡ଼ା, ୭।୧(ସମିସ):**

ପୁଲିସପଡ଼ିଆରେ ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା ଶୁଭାରମ୍ଭ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗଦେଇ ଚାଷୀମାନଙ୍କୁ ସମନ୍ୱିତ କୃଷି ଓ ଫସଲ ବିବିଧିକରଣ ଉପରେ ଉଦବୋଧନ ଦେଇ କହିଥିଲେ ‘ଚାଷୀ ହସିଲେ, ଦେଶ ହସିବ’। ଜିଲ୍ଲା ପ୍ରଶାସନ ଏବେ ଖାଲି ଗାଁକୁ ଯାଉନାହିଁ ବରଂ ଚାଷୀଙ୍କ ଘରେ ଯାଇ ପହଞ୍ଚୁଛି କହିବାସହ ପ୍ରବାସୀ ଶ୍ରମିକ ପ୍ରଥା ବନ୍ଦ ପାଇଁ ଚାଷୀକୁଳଙ୍କୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଖରିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ, ବନଖଣ୍ଡ ଅଧିକାରୀ (ବନ୍ୟଜନ୍ତୁ) ମହାଦେବ ବୁଡାଏକ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଣଜିତ ନାୟକ ଯୋଗଦେଇଥିଲେ। ଚାଷୀଙ୍କୁ କୃଷିରେ ରାସାୟନିକ ପଦାର୍ଥର ବ୍ୟବହାର କମ୍ କରିବା ପାଇଁ ଉଦ୍‌ବୋଧନ ଦେଇ ଏଗ୍ରୋଫରେଷ୍ଟ୍ରୀ କରିବା ପାଇଁ ଅନୁରୋଧ କରିଥିଲେ। ଜୈବିକ କୃଷିର ଗୁରୁତ୍ୱ ବିଷୟରେ



ମଧ ଚାଷୀଙ୍କୁ ବୁଝାଇଥିଲେ। ସଭାକାର୍ଯ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ ସ୍ୱାଗତ ଅଭିଭାଷଣ ରଖି ଚାଷୀଙ୍କୁ କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାର କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ସହକାରୀ ଯନ୍ତ୍ରୀ(କୃଷି) ପଦ୍ମଲୋଚନ ମାଝୀ ଚାଷୀଙ୍କୁ କୃଷି ଯନ୍ତ୍ରପାତିର ଉପକାରିତା ସମ୍ପର୍କରେ ବୁଝାଇଥିଲେ। କୃଷି ଜିଲ୍ଲା ଅଧିକାରୀ ପ୍ରଦୀପ ବେଉରା ଧନ୍ୟବାଦ୍ ଅର୍ପଣ କରିଥିଲେ। ନୂଆପଡ଼ାର ପ୍ରତାପ ସାହୁ ଓ ବରଗଡ଼ର ଅର୍ଚ୍ଚିତା ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ଲୋକକଳା, ଲୋକଗୀତ, ଓଡ଼ିଶୀ ଓ ସମ୍ବଲପୁରୀ ଗୀତବାଦ୍ୟରେ ନୂଆପଡ଼ା ଆକାଶ କମ୍ପି ଉଠିଥିଲା। ମେଳାରେ ସମୁଦାୟ ୫୦ଟି ବିଭିନ୍ନ ବିଭାଗ ସହିତ କୃଷି ଯନ୍ତ୍ରପାତି ଷ୍ଟଲ ପଡ଼ିଛି। ତନ୍ମଧ୍ୟରୁ ୧୩ଟି ବିଭାଗୀୟ ଷ୍ଟଲ ହୋଇଥିବା ବେଳେ ଅବଶିଷ୍ଟ ୩୩ଟି ଷ୍ଟଲ ବିଭିନ୍ନ ଯନ୍ତ୍ରପାତି ସମ୍ବନ୍ଧୀୟ ଓ ୪ଟି ଖାଦ୍ୟପେୟ ଷ୍ଟଲ ଥିଲା। ଆମର ଭୁଲିଯାଇଥିବା ପରମ୍ପରାକୁ କିପରି ଆଗକୁ ନେବା ପାଇଁ ମେଳା ମଧ୍ୟରେ ସୁନାବେଡା ଚୁକୁଟିଆ ଭୁଞ୍ଜିଆମାନଙ୍କର ଲାଲ୍ ଘର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସାଇପଲାର ଚକ୍ରଧର ସାହୁ ସମନ୍ୱିତ ଚାଷୀ ଭାବେ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ସିନାପାଲି ବ୍ଲକର ୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଧନରାଶି ବାବଦକୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଆଜିର କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ରୁ ୧୧ଟା ମଧ୍ୟରେ ଉଦ୍‌ଘାଟନ ହେବାର ନିର୍ଦ୍ଧାରଣ ହୋଇଥିଲା। ହେଲେ ବିଭାଗୀୟ ଅବହେଳା ଯୋଗୁଁ ମଧ୍ୟାହ୍ନ ୧ଟାବେଳେ କରାଯାଇଥିବାରୁ ବିଭିନ୍ନ ଅଞ୍ଚଳରୁ ଦୂରଦୁରାନ୍ତରୁ ଆସିଥିବା ଚାଷୀମାନେ ନିରାଶ ହୋଇ ଫେରିଯାଇଥିବା ଦେଖାଯାଇଥିଲା। କାର୍ଯ୍ୟକ୍ରମରେ ଚକାଚକ୍ୟ ବେଶୀ ବିଭିନ୍ନ ଯୋଜନା ଉପରେ ଅବଗତ ହେବାକୁ ଆସୁଥିବା ଚାଷୀଙ୍କ ସକାଶେ କୌଣସି ବ୍ୟବସ୍ଥା ଆଶାନୁରୂପ ହୋଇନଥିବାରୁ ଚାଷୀ ଅସନ୍ତୋଷ ପ୍ରକାଶ ପାଇଛି।

### ସର୍ବଭାରତୀୟ ୱାଇଏମ୍‌ସି କପ୍ କ୍ରିକେଟ୍

## ଫରେଷ୍ଟ ଭିଲାଇକୁ ହରାଇ କଟକ ଟିମ୍ ବିଜୟୀ




**ନୂଆପଡ଼ା, ୭।୧(ସମିସ):** ମିନି ଷ୍ଟାଡିୟମରେ ଚାଲିଥିବା ୩୩ତମ ସର୍ବଭାରତୀୟ ୱାଇଏମ୍‌ସି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସର ମ୍ୟାଚ୍ କଟକ ଏବଂ ଫରେଷ୍ଟ ଭିଲାଇ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଟିମ୍ ବିଜୟୀ ହୋଇଛି। କଟକ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୧୮୪ ରନ ହାସଲ କରିଥିଲା। ଏହାର ଜବାବରେ ଫରେଷ୍ଟ ଭିଲାଇ ଟିମ୍ ୧୭୫ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। କଟକ ଟିମ୍ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟରେ ଉନ୍ନୀତ ହୋଇଥିବା ବେଳେ କଟକର ପ୍ରତ୍ୟୁଷ ପ୍ରଧାନ ମ୍ୟାନ ଅଫ୍ ଦ ମ୍ୟାଚ୍ ଭାବେ ବିବେଚିତ ହୋଇଛନ୍ତି। ଦ୍ୱିତୀୟ ଦିନର ଖେଳରେ ଅତିଥି ଭାବେ ଶମ୍ଭୁ ଗୁପ୍ତା, ଟୁଲୁ ପାଢ଼ୀ, ଅତିରିକ୍ତ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଓ ବୁଲୁ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମହାମାୟା ନିର୍ଦ୍ଦେଶକ ଟଙ୍କଧର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ ଦ ମ୍ୟାଚ୍ ବିଜେତା ପ୍ରତ୍ୟୁଷଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

## ବାସନ୍ତୀ ପଟ୍ଟନାୟକଙ୍କ ବିୟୋଗ



**ଧର୍ମଗଡ଼, ୭ ।୧(ସମିସ):** ଧର୍ମଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ସତ୍ୟ ପଟ୍ଟନାୟକଙ୍କ ମା’ ଶ୍ରୀମତି ବାସନ୍ତି ପଟ୍ଟନାୟକ ଗତ ଗୁରୁବାର ତାଙ୍କ କନିଷ୍ଠ ଭ୍ରାତା କର୍ଣ୍ଣେଲ ଶ୍ୟାମ ପଟ୍ଟନାୟକଙ୍କ ବରୋଦାସ୍ଥିତ ବାସଭବନରେ ଇହଲୀଳା ସମ୍ବରଣ କରିଛନ୍ତି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ସତ୍ୟ ପଟ୍ଟନାୟକ, କର୍ଣ୍ଣେଲ୍ ଶ୍ୟାମ ପଟ୍ଟନାୟକ, ପୁତ୍ରବଧୂ ପ୍ରମୁଖ ଉପସ୍ଥିତ ରହି ଶେଷକୃତ୍ୟ ସମ୍ପନ୍ନ କରିଥିଲେ ।ତାଙ୍କ ବିୟୋଗରେ ସେନା ଅଧିକାରୀ, କବି, ସାହିତ୍ୟିକ ଓ ଶିକ୍ଷାବିତ୍ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ବିୟୋଗରେ ଧର୍ମଗଡ଼ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଓ ଅନେକ ଛାତ୍ରଛାତ୍ରୀ ପ୍ରଫେସର୍ ପଟ୍ଟନାୟକଙ୍କ ପରିବାରଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ଧର୍ମଗଡ଼, ୭ ।୧(ସମିସ):** ଧର୍ମଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିର କମିଟି ସଭାପତି ସୁନିଲ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ଶ୍ରୀମତି ବବିତା ପଟଯୋଶୀ, ମୁଖ୍ୟବକ୍ତା ଜୟନାରାୟଣ ବାବୁ ବିଭାଗୀୟ ସଂଘ ରାଷ୍ଟ୍ରୀୟ ସଂଘ ସେବକ କଳାହାଣ୍ଡି ବିଭାଗ ବିଦ୍ୟା ମନ୍ଦିରର ସମ୍ପାଦକ ସାଇ ଗୋପାଳ ସାହୁ ଏବଂ ପ୍ରଧାନ ଆଚାର୍ଯ୍ୟ କୁଞ୍ଜବିହାରୀ ଦାସ ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ହୋଇ ଶୁଭାରମ୍ଭ କରିଥିଲେ। ମଞ୍ଚାସିନ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ୨୦୨୪ରେ ଦଶମ ଶ୍ରେଣୀରେ ଆଇଏମ୍ ଅଗସ୍ତି ଶତକଡା ୮୬ ପାଇ ଉତିର୍ଣ୍ଣ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ମଞ୍ଚକୁ ଶିଶୁ ବିଦ୍ୟା ମନ୍ଦିର ଆଚାର୍ଯ୍ୟ ନରେନ୍ଦ୍ର ପ୍ରଧାନୀ ପରିଚାଳନା କରିଥିବା ବେଳେ ବିଶ୍ୱ ରଞ୍ଜନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକ ଉତ୍ସବ



ଧର୍ମଗଡ଼, ୭ ।୧(ସମିସ):ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ସନ୍ଧିକୁଲିହାରୀ ପଞ୍ଚାୟତ ସଭା ଗୃହରେ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକ ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ବରିଷ୍ଠ ଶିକ୍ଷକ ବିଚିତ୍ରାନନ୍ଦ ନେଗିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଜହରଲାଲ ବାଗ, ମୁଖ୍ୟବକ୍ତା ଭାବେ ସଭାପତି କବିରାଜ ଦୁର୍ଗା, ସମ୍ମାନିତ ଅତିଥି ଭାବେ ଧବଳେଶ୍ୱର ପାତ୍ର, ଶଶିଧର ସାହୁ, କୁମୁଦଚନ୍ଦ୍ର ପାତ୍ର, ତୁଳସୀ ରାମ ବାରିକ, ବିଭସ୍ୱ ଦାସ, ହୃଷୀକେଶ ସାହୁ, ସୁମେଶ୍ୱର୍ ଜଗତ, ସଂଗଠନ ସମ୍ପାଦକ ସୁବାସ ସାହୁ ପ୍ରମୁଖ ଯୋଗ ଦେଇ ସଂଘର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ ।ସମ୍ପାଦକ ଧରଣୀଧର ଧଙ୍ଗଡ଼ାମାଝି ବିବରଣୀ ପାଠ କରିଥିଲେ ।କୋଷାଧ୍ୟକ୍ଷ ପ୍ରତାପ କିଶୋର ଆଚାର୍ଯ୍ୟ ଗୁରୁଜୀଙ୍କ ଉଦେଶ୍ୟରେ ସଙ୍ଗୀତ ଆବୃତ୍ତି କରିଥିଲେ ।ସଂଘର ନିଷ୍ପତ୍ତି କ୍ରମେ ୮୨ ବର୍ଷରେ ପଦାର୍ପଣ କରିଥିବା ଦୟାନିଧି ଜାଲ, ଦୁରୁ ସେଠୀ, ମହେନ୍ଦ୍ର ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ହୃଷୀକେଶ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜସ୍ୱ ଅଧିକାରୀଙ୍କ ସମୀକ୍ଷା ବୈଠକ

## ରାଜସ୍ୱ ସଂଗ୍ରହରେ ଦକ୍ଷତା ପ୍ରତିପାଦନ କରନ୍ତୁ ଅଧିକାରୀ



**ନୂଆପଡ଼ା, ୭।୧(ସମିସ):** ଜିଲ୍ଲାପାଳଙ୍କ ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ଅଧିକାରୀମାନଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ମହାଦେବ ବୁଢ଼ାଏକ, ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଡେପୁଟୀ କଲେକ୍ଟର ଡ.ସବ୍ୟସାଚୀ ସାହୁ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ବିଭିନ୍ନ ବିଭାଗର ଯନ୍ତ୍ରୀ, ଖଣି ଅଧିକାରୀ, ଅବକାରୀ ଅଧିକ୍ଷକ, ସବ୍ ରେଜିଷ୍ଟ୍ରାର, ଆର୍‌ଟିଓ ଓ ସମସ୍ତ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ବୈଠକକୁ ସମ୍ବୋଧିତ କରି ଜିଲ୍ଲାପାଳ କହିଲେ ଯେ ସମସ୍ତ ଅଧିକାରୀ ବିଭିନ୍ନ ବିଭାଗ ଉତ୍ସରୁ ଜିଲ୍ଲାର ରାଜସ୍ୱ ବୃଦ୍ଧି ପାଇଁ ଧ୍ୟାନ ଦିଅନ୍ତୁ। କୋର୍ଟ ମାମଲାଗୁଡ଼ିକ ସଠିକ୍ ଭାବରେ ପରିଚାଳନା କରନ୍ତୁ। ତହସିଲଦାରମାନେ ଜାନୁଆରୀ ୨୬ ତାରିଖ ସୁଦ୍ଧା ସମସ୍ତ ବାସହୀନମାନଙ୍କୁ ସରକାରୀ ନିୟମ ଅନୁସାରେ ଘର ଡିହପଟ୍ଟା ପ୍ରଦାନ କରିବେ। ଜିଲ୍ଲାର ସମସ୍ତ ଖଣି ଖାଦାନ, ବାଲି, ମୋରମ ଓ ପଥରରୁ ନିୟମିତ ରାଜସ୍ୱ ସଂଗ୍ରହ ହେବ। ଅବକାରୀ, ପରିବହନ, ଜିଏସଟି ବିଭାଗ ମଧ ସେମାନଙ୍କ ଧାର୍ଯ୍ୟ ରାଜସ୍ୱ ଲକ୍ଷ୍ୟ ପୂରଣ ପାଇଁ ବାରମ୍ବାର ଏନ୍‌ଫୋର୍ସମେଣ୍ଟ ଜାରି ରଖିବେ। ଆସନ୍ତା ମାସରୁ ଉତ୍ତମ ଦକ୍ଷତା ପ୍ରଦର୍ଶନ କରିଥିବା ଅଧିକାରୀମାନଙ୍କୁ ସମ୍ମାନିତ କରାଯିବ ବୋଲି ଜିଲ୍ଲାପାଳ ଘୋଷଣା କରିଛନ୍ତି।

SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ |
|---|---|---|---|
| ବିଜ୍ଞାପନ ସଂ. CRPD/SCO/2024-25/21 | | | |
| 1 | ଡେପୁଟି ମ୍ୟାନେଜର (ଆର୍କାଇଭିଷ୍ଟ) | 1 | ଏମଏମଜିଏସ୍ II |
| ବିଜ୍ଞାପନ ସଂ. CRPD/SCO/2024-25/26 | | | |
| 1 | ଟ୍ରେଡ୍ ଫାଇନାନ୍ସ ଅଧିକାରୀ | 150 | ଏମଏମଜିଏସ୍ II |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 03.01.2025 ରୁ 23.01.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 03.01.2025

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

! ନିଯୁକ୍ତି ! ! ନିଯୁକ୍ତି ! ! ନିଯୁକ୍ତି !



୧୦୮ | EMRI GREEN HEALTH SERVICES

ନିଯୁକ୍ତି ସୁଯୋଗ

୧୦୮ ଆମ୍ବୁଲାନ୍ସ ସେବା

ଡ୍ରାଇଭର ଏବଂ ଇ.ଏମ୍.ଟି ଆବଶ୍ୟକ (କେବଳ ପୁରୁଷ)

| | ଡ୍ରାଇଭର୍ | ଜରୁରୀ ଡାକ୍ତରୀ ସହକର୍ମୀ (ଇ.ଏମ୍.ଟି) |
|---|---|---|
| ଯୋଗ୍ୟତା | ଡ୍ରାଇଭିଙ୍ଗ୍ ଲାଇସେନ୍ସ ଏଲ୍ଏମ୍‌ଭି (କମରସିଆଲ) ଏବଂ ବ୍ୟାଜ୍ ଲାଇସେନ୍ସ, ୮ମ ପାସ୍ କିମ୍ବା ତଦୁର୍ଦ୍ଧ ହେବା ଦରକାର | ବି.ଫାର୍ମା/ଡି.ଫାର୍ମା/ ଜି.ଏନ୍.ଏମ୍/ ବି.ଏସ୍.ସି (ନର୍ସ) ଏବଂ +୨ ବିଜ୍ଞାନ (ଅନ୍ୟୁନ ୫୦% ମାର୍କ ଥିବା ଆବଶ୍ୟକ) |

ଇଚ୍ଛୁକ ପ୍ରାର୍ଥୀ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସାକ୍ଷାତକାର କରନ୍ତୁ ।

| | |
|---|---|
| ଅଫିସ୍ ଠିକଣା | ୭ମ ମହଲା, ଇଡ୍‌କୋ ଟାୱାର୍, ସହିଦନଗର, ରୂପାଲି ଛକ ପାଖ, ଭୁବନେଶ୍ୱର, ଓଡିଶା। |
| ଫୋନ୍ ନମ୍ବର | ୦୬୭୪-୬୧୭୫୨୦୦ |
| ତାରିଖ | ୨ ଜାନୁୟାରୀ ୨୦୨୫ ରୁ ୧୮ ଜାନୁୟାରୀ ୨୦୨୫ ପର୍ଯ୍ୟନ୍ତ |
| ସମୟ | ପୂର୍ବାହ୍ନ ୧୧ଟା ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ |

ଏହି ଚୟନ ପ୍ରକ୍ରିୟାରେ କୌଣସି ଏଜେନ୍ସିକୁ ନିୟୋଜିତ କରାଯାଇନାହିଁ । ଦଲାଲ ଓ ଏଜେଣ୍ଟଙ୍କ ପ୍ରତି ସାବଧାନ ରୁହନ୍ତୁ ।

### ନିଖିଳ ଓଡ଼ିଶା ଗ୍ରାମପଞ୍ଚାୟତ ଶ୍ରମିକ ସଂଘର ବୈଠକ

# ସର୍ବନିମ୍ନ ମଜୁରି ପାଇବେ କେବେ ?

**ଭବାନୀପାଟଣା, ୭ ।୧(ସମିସ):**



କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରରସ୍ଥିତ ଅମଲା ଭବନରେ ନିଖିଳ ଓଡ଼ିଶା ରାତ୍ର ଜଗୁଳିଆ ଝାଡୁଦାର ଶ୍ରମିକ କଳାହାଣ୍ଡି ସଂଘର ବୈଠକ ବିରଞ୍ଚି ପ୍ରସାଦ ନାଏକଙ୍କ ଆହ୍ୱାନ ଓ ଲଳିତ ପାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଭାରତ ସ୍ୱାଧୀନ ହୋଇ ଆଜିକି ୭୫ ବର୍ଷ ପଦାର୍ପଣ କରିସାରିଥିବା ବେଳେ ରାତ୍ର ଜଗୁଆଳି ଓ ଝାଡୁଦାରଙ୍କୁ ବର୍ତ୍ତମାନ ସରକାରୀ ଅନୁଦାନପ୍ରାପ୍ତ ହୋଇନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ନୂତନ କମିଟି ଗଠନ କରି ସର୍ବସମ୍ମତିକ୍ରମେ କିଶୋର ବାଗ ସଭାପତି, ସମ୍ପାଦକ ଭାବରେ ବିରଞ୍ଚି ପ୍ରସାଦ ନାଏକ ଏବଂ କୋଷାଧ୍ୟକ୍ଷ ଭାବରେ ବିକାଶ ଦାସଙ୍କୁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟସ୍ତରୀୟ ସାଧାରଣ ସମ୍ପାଦକ ବିଦୂର କୁମାର, ସହସାଧାରଣ ସମ୍ପାଦକ ସୁରେନ୍ଦ୍ର ଗୁରୁ ଏବଂ କୋଷାଧ୍ୟକ୍ଷ ଗଜାନନ୍ଦ ନାଗ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ କଳାହାଣ୍ଡି ଜିଲ୍ଲା ୧୩ଟି ବ୍ଲକର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପଞ୍ଚାୟତରେ ରାତ୍ରଜଗୁଆଳି ଓ ଝାଡୁଦାର ମାନଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ କରିବା, ସାମାଜିକ ସୁରକ୍ଷାରେ ଅନ୍ତର୍ଭୁକ୍ତ କରିବା, ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରିବା ଓ ଅବସରକାଳୀନ ଭତ୍ତା ପ୍ରଦାନ କରିବା ସହ ଓ ମାସିକ ଭତ୍ତା ପ୍ରଦାନ କରିବା ପାଇଁ ସରକାରଙ୍କୁ ନିବେଦନ କରୁଛନ୍ତି। ଯଦି ସରକାର କଥା ନ ଶୁଣନ୍ତି ତାହାହେଲେ ପରିବାର ସହ ରାଜ ରାସ୍ତାକୁ ପରିବାର ସହ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦେଇଛନ୍ତି ।ଶେଷରେ ମହେନ୍ଦ୍ର କର ଧନ୍ୟବାଦ ଅର୍ପଣ ସଭା କାର୍ଯ୍ୟ ଶେଷ କରିଥିଲେ।

# ବଲାଙ୍ଗିର-ସୋନପୁର ରାସ୍ତା ୪ ଲେନ୍ କରିବାକୁ ଦାବି

**ତରଭା, ୭।୧(ସମିସ):** ୫୭ ନମ୍ବର ଜାତୀୟ ରାଜପଥ ବଲାଙ୍ଗିରରୁ ସୋନପୁର ପର୍ଯ୍ୟନ୍ତ ୫୦ କିମି ରାସ୍ତାକୁ ୪ ଲେନ ବିଶିଷ୍ଟ କରାଯିବାକୁ ଦାବି ହୋଇଛି। ଏହି ରାସ୍ତାରେ ଯାନବାହନ ଚଳାଚଳ ବହୁ ମାତ୍ରାରେ ବୃଦ୍ଧି ପାଉଥିବାରୁ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ରାତ୍ରିରେ ବହୁ ସଂଖ୍ୟାରେ ଭାରୀଯାନ ଦ୍ରୁତଗତିରେ ଯିବାଆସିବା କରୁଥିବାରୁ ଛୋଟ ଚାରିଚକିଆ ଓ ଦୁଇଚକିଆ ଯାନ ଚଳାଇବା



ସମୟରେ ଅନେକ ସତର୍କତା ଅବଲମ୍ବନ ସତ୍ତ୍ୱେ ଦୁର୍ଘଟଣା ଘଟୁଛି। ଗତ ସୋମବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ତରଭା ବ୍ଲକ ଅଧୀନ ଶିବତୁଳାରେ ଥିବା ଜଳ ବିଶୋଧନାଗାର ପରିଦର୍ଶନରେ ଆସିଥିବା ବେଳେ ବ୍ଲକ ସାମ୍ବାଦିକ ସଂଘ ସଭ୍ୟମାନେ ତାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘ ସଭାପତି ଅଶୋକ ସାହୁଙ୍କ ସମେତ ସାମ୍ବାଦିକ ରାଜକୁମାର ମାହାଣା, କପିଳାସ ସେଠ, ଅନ୍ତର୍ଯ୍ୟାମୀ ସାହୁ ଓ କଲ୍ୟାଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରବାସୀ ଭାରତୀୟ ଦିବସ ପାଳିତ





**ବୌଦ୍ଧ, ୭।୧(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବୌଦ୍ଧ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି।ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଖମାରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ସରପଞ୍ଚ ଭାରତୀ ପୁରୋହିତ, ସମ୍ମାନିତ ଅତିଥି ଭାବେ ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଧ୍ରୁବ ଚରଣ ପାଣିଗ୍ରାହୀ, ଅଧ୍ୟାପିକା ସୋନାଲି ପ୍ରଧାନ, ମୁଖ୍ୟବକ୍ତା ଭାବେ ସର୍ବଶିକ୍ଷା ଅଭିଯାନର ଜିଲ୍ଲା ସଂଯୋଜକ ଶିବ ଶଙ୍କର ଶତପଥି ଯୋଗ ଦେଇ ପ୍ରବାସୀ ଭାରତୀୟ ଦିବସର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କମଳାକାନ୍ତ ଦଳବେହେରା ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଇଂରାଜୀ, ଓଡ଼ିଆରେ ପ୍ରବନ୍ଧ ପ୍ରତିଯୋଗିତା ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ, ଇଂରାଜୀ ଭାଷାରେ ପ୍ରବନ୍ଧ ଓ ସାଇକେଲ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଲକ୍ଷ୍ମୀପ୍ରସାଦ ସିଆରସିସି ସନ୍ତୋଷ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସ୍ୱାଧୀନ କୁମାର ପ୍ରଧାନ, ପୂର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନରଞ୍ଜନ ପୁରୋହିତ, ସିଆରସିସି ପ୍ରଶାନ୍ତ ଝାଙ୍କର, ସୌମିତ୍ରୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜେଇ ସହ ବାଇକ୍ ଜବତ



ଶଗଡ଼ା, ୭।୧(ସମିସ): ମନମୁଣ୍ଡା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଗଞ୍ଜେଇ ସହଏକ ବାଇକ୍ ଜବତ କରାଯାଇଥିବା ବେଳେ ମାଫିଆ ଫେରାର ହୋଇଯାଇଛି। ମନମୁଣ୍ଡା ପୁଲିସର ଏକ ଟିମ୍ ମନମୁଣ୍ଡା ଥାନା ଅଧୀନ ଯୋଗୀନ୍ଦ୍ରପୁର ଗ୍ରାମ ନିକଟ ଚାରିଛକ ପାଖରେ ପାଟ୍ରୋଲିଂ କରୁଥିବା ସମୟରେ ବାଇକ୍ ନଂ ଓଡି ୧୫ଏଫ-୫୫୭୨ରେ ବସ୍ତାରେ କିଛି ଜିନିଷ ଧରି ଆସୁଥିବା ବେଳେ ପୁଲିସକୁ ଦେଖି ଚାଳକ ବାଇକ୍ ଛାଡି ଫେରାର ମାରିଥିଲା। ପୁଲିସ ଘଟଣାସ୍ଥଳରୁ ଏକ ବସ୍ତାରୁ ୨୩କେଜି ୭ ଶହ ଗ୍ରାମ ଗଞ୍ଜେଇ ସହ ବାଇକ୍‌କୁ ଜବତ କରିଛି। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି।

# ୩୬ ଏକର ଗଞ୍ଜେଇ ଗଛ ନଷ୍ଟ



ଶଗଡ଼ା, ୭।୧(ସମିସ):ମନମୁଣ୍ଡା ପୋଲିସ ପକ୍ଷରୁ ଚଢ଼ଉ କରାଯାଇ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ମନମୁଣ୍ଡା ପୁଲିସର ଏକ ଟିମ୍ ମନମୁଣ୍ଡା ଥାନା ଅଧୀନ ବିଳାସପୁର ପଞ୍ଚାୟତ ଅନ୍ତର୍ଗତ ଜୁନାନିଗ୍ରାମ ନିକଟସ୍ଥ ଜଙ୍ଗଲରେ ଚଢ଼ଉ କରି ବେଆଇନ ଭାବରେ ଚାଷ ହୋଇଥିବା ହଜାର ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରିଛି। ଜଙ୍ଗଲର ୩୬.୨୫ ଏକର ପରୀମିତ ଜାଗାରେ ବେଆଇନ ଭାବରେ ଗଞ୍ଜେଇ ଚାଷ ହୋଇଥିଲା। ଖବର ପାଇ ପୁଲିସ ଟିମ୍ ପହଞ୍ଚି ୪୩ହଜାର୧୫୦ଟି ଗଞ୍ଜେଇ ଗଛକୁ କାଟି ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ୦୯/୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି।

# ଜମୁଛି ଧନୁଯାତ୍ରା ମହୋତ୍ସବ



ବୀରମହାରାଜପୁର, ୭।୧(ସମିସ): ବୀରମହାରାଜପୁରରେ ଜମୁଛି ଧନୁଯାତ୍ରା ମହୋତ୍ସବ। ସଭାପତି କିଶୋର ହୋତାଙ୍କ ସଭାପତିତ୍ୱରେ କଂସ ଦରବାରରେ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟ ଲବ ସାହୁ, ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଦୀପ ସେଠୀ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, ପ୍ରଦୀପ ବଢେଇ, ଅକ୍ଷୟ ମହାକୁର, ପ୍ରଦୀପ ପଧାନ ଓ ଅକ୍ଷୟ ସରାଫ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକ ଯୁଗଳ କିଶୋର ମିଶ୍ର ସଭା ସଂଯୋଜନା କରିଥିଲେ। ମହୋତ୍ସବରେ ପୁତନା ବଧ ଓ କୃଷ୍ଣଙ୍କର ନାମକରଣ ହେବା କଥା କଂସାସୁର ସମ୍ମୁଖରେ ନାରଦଙ୍କ ବର୍ଣ୍ଣନା ଅଭିନୀତ ହୋଇଥିଲା। କଂସଙ୍କର ସଂଳାପ ଓ ଅଭିନୟ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା।

# ଲଛିପୁର ହାଇସ୍କୁଲରେ ପ୍ରୟୋଗ କାର୍ଯ୍ୟକ୍ରମ

**ଲଛିପୁର, ୭।୧(ସମିସ):** ସୋନପୁର ବ୍ଲକ ଲଛିପୁର ଭୀମଭୋଇ ହାଇସ୍କୁଲରେ ବ୍ଲକସ୍ତରୀୟ ପ୍ରୟୋଗ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହେମସାଗର ମାଝୀଙ୍କ ଅଧ୍ୟକ୍ଷତାରେ ଶିବିରରେ ବ୍ଲକର ବିଭିନ୍ନ କ୍ଲଷ୍ଟରରୁ ୫୧ଜଣ ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରି ତାଲିମ ନେଇଥିଲେ। ପ୍ରଶିକ୍ଷଣ ମୁଖ୍ୟ ସିଆରସିସି ପ୍ରଫୁଲ୍ଲ ବିଶ୍ୱାଳ, ଆରପି ଅଭିମନ୍ୟୁ ପାତ୍ର, ନାରାୟଣପୁର ସିଆରସିସି ଧ୍ରୁବଚରଣ ବାଘ, ରେଙ୍ଗାଲି ସିଆରସିସି ହରିହର ସା, ଚକୋରମାଳ ସିଆରସିସି ସୁମନ୍ତ ତଣ୍ଡକାର ପ୍ରମୁଖ ଯୋଗଦେଇ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



# ଦେଶ୍‌ଫାଲ୍ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି

**ବୀରମହାରାଜପୁର, ୭।୧(ସମିସ):** ଦେଶ୍‌ଫାଲ୍ ଲୋକକଳା ମହୋତ୍ସବ-୨୦୨୫ ପାଳନ ପାଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧର୍ମଶାଳାରେ ପ୍ରସ୍ତୁତି ବୈଠକ ସଭାପତି ପଦ୍ମଲୋଚନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ମରଣିକା ପ୍ରକାଶନ, ଅତିଥି ନିମନ୍ତ୍ରଣ, ସଦସ୍ୟ ସଂଖ୍ୟା ବୃଦ୍ଧି, ସାଂସ୍କୃତିକ ଦଳ ଚୟନ ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ସ୍ମରଣିକା ପ୍ରକାଶନ ଉପରେ ଗୁରୁତ୍ୱ ପ୍ରଦାନ କରି ସମ୍ପାଦନା ମଣ୍ଡଳୀ ଗଠନ କରାଯାଇଛି। କମିଟିରେ ପଦ୍ମଲୋଚନ ମିଶ୍ର, ଡ.ପ୍ରଫୁଲ୍ଲ ରଥ, ଯୁଗଳକିଶୋର ମିଶ୍ର ଉପଦେଷ୍ଟା ରହିଛନ୍ତି। ମୁଖ୍ୟ ସମ୍ପାଦକ ଭାବେ ଡ.ଦ୍ୱିତୀକୃଷ୍ଣ ପଣ୍ଡା, ସହସମ୍ପାଦକ ଭାବେ ଡ.ଶୁଭେନ୍ଦୁ ମେହେର ଓ ଡ.ଅନିରୁଦ୍ଧ କୁରୁକୁରିଆ, ପରିଚାଳନା ସମ୍ପାଦକ ଲକ୍ଷ୍ମୀ ନାରାୟଣ ସାହୁ ଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଓ ସମ୍ପାଦନା ମଣ୍ଡଳୀରେ କେଶବ ଦାଶ, ଧର୍ମନୀରଞ୍ଜନ ପଣ୍ଡା ପ୍ରମୁଖ ରହିଛନ୍ତି। ଅତିଥି ଯୋଗାଯୋଗ ପାଇଁ ଶ୍ରୀନିବାସ ଚାନ୍ଦ, ହରିହର କର୍ଣ୍ଣ, ଗିରିଶ୍ ଦାସ, କୃତିବାସ ମିଶ୍ର ଓ ଅମୀୟ ରଞ୍ଜନ ଦାଶ ପ୍ରମୁଖ ରହିଛନ୍ତି। ବୈଠକରେ ଗୋବିନ୍ଦ ମିଶ୍ର, ରଞ୍ଜନ ମିଶ୍ର, ସତ୍ୟନାରାୟଣ ପାଣିଗ୍ରାହୀ, କେଶନ ଜଗଦଲା ଓ ସୁବପ୍ରସାଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ହୃଷିକେଶ ଚାନ୍ଦ ସଭା ସଂଯୋଜନା କରିଥିବାବେଳେ ଅମୀୟ ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



# ସିଦ୍ଧାର୍ଥ ଡିଗ୍ରୀ କଲେଜରେ କବାଡ଼ି ଟିମ୍‌କୁ ସମ୍ବର୍ଦ୍ଧନା

**ବିନିକା, ୭।୧(ସମିସ):** ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ଆନ୍ତଃ ବିଦ୍ୟାଳୟସ୍ତରୀୟ କବାଡ଼ି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ବିଶ୍ୱ ବିଦ୍ୟାଳୟର କବାଡି ଟିମ୍‌କୁ ପରାଜିତ କରି ବିନିକା ସିଦ୍ଧାର୍ଥ କଲେଜ କବାଡ଼ି ଟିମ୍ ଚାମ୍ପିଅନ ହୋଇଛି। ସିଦ୍ଧାର୍ଥ କଲେଜ କବାଡି ଟିମ୍ ଚାମ୍ପିଅନ୍ ହୋଇ ବିନିକା ପାଇଁ ଗୌରବ ଆଣିଥିବାରୁ ଆଜି କଲେଜର ସମସ୍ତ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ କଲେଜ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର ନାୟକ ଖେଳାଳିଙ୍କୁ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଖେଳ ଦାୟିତ୍ୱରେ ଥିବା ଉପସଭାପତି ତଥା ବରିଷ୍ଠ ଅଧ୍ୟାପକ ବାଣୀପ୍ରସାଦ ବିଶ୍ୱାଳ, ଖେଳ ଶିକ୍ଷକ ନାରାୟଣ ଚୌଧୁରୀଙ୍କ ମାର୍ଗ ଦର୍ଶନ ଯୋଗୁଁ ଏହି ଟିମକୁ ବଡ଼ ସଫଳତା





ମିଳିଛି। ପ୍ରଥମ କରି କଲେଜ ତଥା ବିନିକା ଅଞ୍ଚଳର କ୍ରୀଡା ପ୍ରେମୀଙ୍କ ପାଇଁ ଗୌରବ ଆଣିଥିବାରୁ କବାଡି ଟିମର ଅଧିନାୟକ ରତିଶ ବେହେରା, ଖେଳାଳି ରୋଶନ ସାମନ୍ତରାୟ, ଅଭିଷେକ ହରିପାଲ, ସିପୁନ ସେଠ, ରଶ୍ମିରଞ୍ଜନ ବେହେରା, ଶ୍ୟାମଜୀ ସାଲମା, ରୋନାକ ପାଢ଼ୀ, ସ୍ୱପ୍ନିଲ ହୋତା, ରାମଶଙ୍କର ସୁନା, ଦେବାଶିଷ ସାହୁ ଓ ସଞ୍ଜୀବ କୁମ୍ଭାର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ୧୦୮ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ପାଇଁ ବୈଠକ

**ବୌଦ୍ଧ, ୭।୧(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କ ଗାୟତ୍ରୀ ପୀଠରେ ବୌଦ୍ଧ ଜିଲ୍ଲା ଗାୟତ୍ରୀ ମିଶନର ଆବାହକ ପ୍ୟାରୀମୋହନ ଶତପଥିଙ୍କ ଅଧ୍ୟକ୍ଷତାରେ ବୌଦ୍ଧରେ ହେବାକୁ ଥିବା ୧୦୮ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବୌଦ୍ଧ, କନ୍ଧମାଳ ଓ ହରଭଙ୍ଗା ବ୍ଲକର ଗାୟତ୍ରୀ ପରିବାରର ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯଜ୍ଞ ପାଇଁ ସମୟ ଦାନ, ଅର୍ଥ ସଂଗ୍ରହ, ଦୀପ ଯଜ୍ଞ ଓ ପ୍ରଚାର ପ୍ରସାର ପାଇଁ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ଯଜ୍ଞ କମିଟି ଗଠନ କରାଯାଇଥିବା ବେଳେ ସଭାପତି ଭାବେ ନବୀନ କୁମାର ପ୍ରଧାନ, ଉପ ସଭାପତି ହୃଦାନନ୍ଦ ମେହେର, ସମ୍ପାଦକ ତାରିଣୀ ପ୍ରଧାନ, ସହ ସମ୍ପାଦକ ଅଶ୍ୱିନୀ ପ୍ରଧାନ, କୋଷାଧ୍ୟକ୍ଷ ଚିରଞ୍ଜିବି ପଟ୍ଟନାୟକ, ଯୁଗ୍ମ କୋଷାଧ୍ୟକ୍ଷ ଶୁଭେନ୍ଦୁ ମୋହନ ମହାକୁଳ, ପ୍ରଚାର ପ୍ରସାର ପାଇଁ ପ୍ରମୋଦ କୁମାର ଚାନ୍ଦ,



ମିଡ଼ିଆ ସଂଯୋଜକ ନିର୍ମଳ କୁମାର ସାହୁ, ସଂସ୍କାର ବିଭାଗ ପ୍ୟାରୀ ମୋହନ ଶତପଥି, ଅଂଶଧନ ସଂଗ୍ରହ ପାଇଁ ଘନଶ୍ୟାମ ବାଘ, ଝସକେତନ କବାଟ ଓ ସୁଶୀଳ ଭୋଇଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଏହା ପରେ ଅଖଣ୍ଡ ଜପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଭାବେ ନିର୍ମଳ କୁମାର ସାହୁ ଓ ଯାଜ୍ଞସେନି ବେହେରା ଦାୟିତ୍ୱ ତୁଲାଇଥିବା ବେଳେ ବ୍ୟାସ ଭାବେ ନାରାୟଣ ନାଏକ କର୍ମକାଣ୍ଡ କରିଥିଲେ।

## ● ସ୍କୁଲ ଉନ୍ନୟନମୂଳକ କାର୍ଯ୍ୟର ମିଳୁନି ପ୍ରାପ୍ୟ

# ୧୫ରେ ସ୍କୁଲରେ ତାଲା ପକାଇ ଅନଶନ

ହରଭଙ୍ଗା, ୭।୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ରତନପୁର ସ୍କୁଲରେ ଗତ ସାଧାରଣ ନିର୍ବାଚନ ପାଇଁ( ୧୫୧)ନଂ ବୁଥ୍ ହୋଇଥିବା ବେଳେ ଭୋଟରଙ୍କ ସୁବିଧା ପାଇଁ ଆବଶ୍ୟକ କାର୍ଯ୍ୟ ହୋଇଥିଲା। ଗ୍ରାମର କିଛି ଲୋକଙ୍କୁ ସ୍କୁଲର ପ୍ରଧାନଶିକ୍ଷକ କାର୍ଯ୍ୟ କରିବାକୁ ଅନୁମତି ଦେଇଥିଲେ। ସ୍କୁଲ ପରିସରରେ ଥିବା ନଳକୂପ ଚାନ୍ଦିନୀ, ଶୌଚାଳୟ, ନିର୍ବାଚନ ପରେ ସ୍କୁଲ ମରାମତି କାର୍ଯ୍ୟ କରି ଆଜି ପର୍ଯ୍ୟନ୍ତ ଏହି ଖର୍ଚ୍ଚ ବାବଦକୁ ପ୍ରାପ୍ୟ ମିଳିନଥିବାରୁ ପୁରୁଣାକଟକ ପଞ୍ଚାୟତ ଅଧିକାରୀଙ୍କୁ ଗ୍ରାମର ଅଜିତ ବାରିକ, ଦିଲ୍ଲୀପ ପ୍ରଧାନ, ସସ୍ମିତା ଦନ୍ତା, ଶ୍ରୀକାନ୍ତ ଦାସ, ସନ୍ତୋଷିନୀ ପ୍ରଧାନ, ହରିହର କର୍ଣ୍ଣ, ବନିତା ବେହେରା, ଅଜିତ କୁମାର ଦାସ ପ୍ରମୁଖ ଲିଖିତ ଅଭିଯୋଗ କରିଛନ୍ତି।ଅନ୍ୟପଟେ ଆସନ୍ତା ୧୫ତାରିଖ ପୂର୍ବରୁ କରାଯାଇଥିବା କାର୍ଯ୍ୟର ଅର୍ଥ ନମିଳିଲେ ୧୫ତାରିଖରେ ସ୍କୁଲରେ ତାଲା ପକାଇ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି। ଘଟଣାକୁ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରଭଙ୍ଗା, ବିଡ଼ିଓ ହରଭଙ୍ଗା, ଥାନା ଅଧିକାରୀ ପୁରୁଣାକଟକ ଓ ପ୍ରଧାନ ଶିକ୍ଷକଙ୍କୁ ଅଭିଯୋଗର ଏକ କିତା ନକଲ ପ୍ରଦାନ କରିବା ପାଇଁ ଅଭିଯୋଗ କାରିମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ବିଭିନ୍ନ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର

## ● ସୁବଳୟା ଯୁକ୍ତଦୁଇ କଲେଜ



ସୁବଳୟା, ୭।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ସୁବଳୟା ଯୁକ୍ତଦୁଇ କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଭୋଳାନାଥ କର୍ମୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ ଆତ୍ମରକ୍ଷା କୌଶଳ ଶିଖିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅର୍ପିତା ନାଏକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ରମାକାନ୍ତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷଣ ଶୁଭ୍ରଜ୍ୟୋତି ପ୍ରଧାନ ଛାତ୍ରୀମାନଙ୍କୁ କୌଶଳ ପ୍ରଦର୍ଶନ କରିଥିଲେ। ଶିବିରରେ ୭୮ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ସଞ୍ଜୟ ମେଣ୍ଡିଲି, ପ୍ରଜ୍ଞାକଳ୍ପିତା ନାୟକ, ଦେବାଶିଷ ପଧାନ, ମିତା ପଧାନ, ଗୋପାଳ ଭୋଇ ଓ ଦିଲୀପ ମେହେର ସହଯୋଗ କରିଥିଲେ।

## ● ବୀରମହାରାଜପୁର ମହାବିଦ୍ୟାଳୟ

**ବୀରମହାରାଜପୁର:** ବୀରମହାରାଜପୁର ମହାବିଦ୍ୟାଳୟରେ ଯୁକ୍ତଦୁଇ ଛାତ୍ରୀମାନଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରଧାପିକା ଗୀତାଞ୍ଜଳି ପୂଜାରୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ସୀମାରାଣୀ ବେହେରା ଓ ସମ୍ମାନିତ ଅତିଥି ଭାବେ ସୋନପୁରସ୍ଥିତ ବିଜୁପଟ୍ଟନାୟକ ଯୁକ୍ତଦୁଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ନଳିନୀପ୍ରଭା ପଧାନ, ଜିଲ୍ଲା ନୋଡାଲ ଅଧିକାରୀ ମଧୁସୂଦନ ପୂଜାହାରୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ସହ ସଂଯୋଜିକା ଅଧ୍ୟାପିକା ସୁପ୍ରଭା ନନ୍ଦ ମଞ୍ଚାସୀନ ରହିଥିଲେ। ସଂଯୋଜିକା ଅଧ୍ୟାପିକା ହରପ୍ରିୟା ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ସହିତ ଧନ୍ୟବାଦ



ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ହେବାସହ ସମୁଦାୟ ୧୭୪ ଜଣ ଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରିବେ। ପ୍ରଶିକ୍ଷିକା ଭାବରେ ଅଙ୍କିତା ପଧାନ ଓ ଶୁଭ୍ରଜ୍ୟୋତି ପ୍ରଧାନ ପ୍ରମୁଖ ରହିଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ସୁବାସ ଚନ୍ଦ୍ର ଶତପଥୀ, ଶ୍ରୀରାମ ଦେହେରୀ, ଦିବାକର ଭୋଇ ଓ କଳାକାହ୍ନୁ ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ● ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ବୌଦ୍ଧ: ବୌଦ୍ଧ ବ୍ଲକ ଜହ୍ନାପଙ୍କସ୍ଥିତ ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଭାତ କୁମାର ଶତପଥିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବାଉଁଶୁଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଯୋଗଦେଇ ଛାତ୍ରୀମାନେ ବିଭିନ୍ନ ସମୟରେ ବିପଦର ସମ୍ମୁଖୀନ ହେବା ସହିତ ରାଗିଂର ଶିକାର ହେଉଛନ୍ତି। ଏଥିରୁ କିପରି ନିଜକୁ ସୁରକ୍ଷିତ ରଖି ପାରିବେ ଯୋଜନା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରସନ୍ନ କୁମାର ଶତପଥି, ଅଧ୍ୟାପିକା ପ୍ରଭାତୀ ତ୍ରିପାଠୀ ଯୋଗଦେଇ ଆ।।ସୁରକ୍ଷା ତାଲିମର ମୂଲ୍ୟବୋଧ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶାରୀରିକ ଶିକ୍ଷକ ସୁବାଷ ଭୋଇ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଥିଲା। ତାଲିମଦାତା ଭାବେ ରୋଜାଲିନ ରାଜହଂସ ଓ ସୁପ୍ରିୟା ପ୍ରଧାନ ତାଲିମ ପ୍ରଦାନ କରିଥିଲେ। ଆଠ ଦିନ ଧରି ଚାଲିବାକୁ ଥିବା ତାଲିମ ଶିବିରରେ ୧୩୫ ଜଣ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି।

### ଅସ୍ତିତ୍ୱ ଖୋଜୁଛି ବୁଢ଼ାଦୁରୀଙ୍ଗ

# ବିକାଶ କମ୍; ସମସ୍ୟା ଅଧିକ





ଭବାନୀପାଟଣା, ୭ ।୧(ସମିସ):

ସମ୍ପ୍ରତି ଗ୍ରାମ୍ୟ ବିକାଶ ପାଇଁ ମନ୍ତ୍ରାଳୟ ସବୁ ଯୋଜନା କାର୍ଯ୍ୟକାରୀ କରୁଛି । ଗ୍ରାମାଞ୍ଚଳର ଦାରିଦ୍ର୍ୟ ଦୂରୀକରଣ ପ୍ରାୟତଃ ସବୁ ଯୋଜନାର ମୂଳ ଲକ୍ଷ୍ୟ । ସ୍ୱାଧୀନତାର ୭୬ ବର୍ଷପରେ ମଧ୍ୟ କଳାହାଣ୍ଡି ଜିଲ୍ଲା ଅଧୀନ ଏମରାମପୁର ବ୍ଲକର ଉର୍ଲାଦାନୀ ପଞ୍ଚାୟତରେ ଥିବା ବୁଢ଼ାଦୁରିଙ୍ଗ ଗ୍ରାମ ଅବହେଳିତ । ଏଠି ୫୦ବର୍ଷ ଧରି ୫୦ପରିବାର ବସବାସ କରିଆସୁଛନ୍ତି । ଏଠିକାର ବିକାଶ ପ୍ରତି କାହାର ନଜର ପଡୁନି । ଲୋକଙ୍କୁ ଗଦା ଗଦା ସମସ୍ୟା ଭିତରେ ଜିଇଁବାକୁ ପରିସ୍ଥିତି ବାଧ୍ୟ କରୁଛି । ଅନେକ ସଫଳତା ଓ ବିଫଳତାର କଥା ସେମାନେ ଶୁଣୁଛନ୍ତି; ଅଥଚ ଦାରିଦ୍ର୍ୟ ପିଛା ଛାଡୁନି କି ବିକାଶର ସୂର୍ଯ୍ୟ ଦେଖିବାର ସୌଭାଗ୍ୟ କେବେ ପାଇନାହାନ୍ତି । ରାସ୍ତାଘାଟ, ପାନୀୟଜଳ ଓ ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଆଲୋକ ଏପରିକି ସରକାରୀ ଯୋଜନାରୁ ବଞ୍ଚିତ ରହିଛନ୍ତି । ଚାରିଆଡେ ପରିବର୍ତ୍ତନ ହେଉଛି । ବୁଢାଦୁରୀଙ୍ଗ ଗ୍ରାମରେ କାହିଁକି ମୁଠେ ମାଟି ପଡୁନି କି ପିଇବା ଲାଗି ପାଣି ଆଞ୍ଜୁଳାଏ ମିଳିପାରୁନାହିଁ? ଏତେ ଗୁଡିଏ ପ୍ରଶ୍ନର ଉତ୍ତର ଖୋଜି ଖୋଜି ଗ୍ରାମବାସୀ ନିରାଶ ହେବା ସାର ହୋଇଛନ୍ତି । ବିକଶିତ ଓଡ଼ିଶାର ପରିଭାଷା ଠିକ୍ ବୁଝିଲେ ବି ନିଜ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି ବୁଢ଼ାଦୁରୀଙ୍ଗବାସୀ । ସହିଦ ରେଣ୍ଡୋ ମାଝୀ ଓ ଟଡ଼ ଡମ୍ବଙ୍କୁ ନେଇ ଏହି ମାଟି ଗର୍ବିତ । ସହିଦ ରେଣ୍ଡୋ ମାଝୀଙ୍କ ନାଁରେ ବିରାଟ ମେଡ଼ିକାଲ କଲେଜ ଜିଲ୍ଲାରେ ପ୍ରତିଷ୍ଠା ହୋଇପାରିଛି; କିନ୍ତୁ ସେହି ସହିଦଙ୍କ ପଞ୍ଚାୟତର ଗୋଟିଏ ଗାଁ ଚିର ଅବହେଳିତ । ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡ଼ିଓ, ଉପଜିଲ୍ଲାପାଳ, ଜିଲ୍ଲାପାଳ ସମସ୍ତଙ୍କୁ ଏଠିକାର ଲୋକେ ନିଜର ଦୁଃଖ ଜଣାଇଛନ୍ତି; ହେଲେ କୌଣସି ସୁଫଳ ମିଳିନାହିଁ । ଶେଷରେ ଭୋଟ ବର୍ଜନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଭୋଟ ସରିଲା; ହେଲେ ଦୁଃଖ ସେମିତି ରହିଲା । ଗମନା ଗମନର ବିକାଶ ହେଉ କି ଖାଉଟି ସାମଗ୍ରୀ ବିତରଣ, ଜଳସେଚନ, ସ୍ୱାସ୍ଥ୍ୟସେବା, ବାସଗୃହ, ପାନୀୟ ଜଳ ସର୍ବୋପରି ଶିକ୍ଷା କ୍ଷେତ୍ରରେ ଅବହେଳିତ ହୋଇ ରହିଥିବା ଗାଁ ହେଉଛି ବୁଢାଦୁରୀଙ୍ଗ । ଏହି ଗାଁ ସାମଗ୍ରୀକ ବିକାଶ କ୍ଷେତ୍ରରେ ସରକାରଙ୍କ ସବୁ ଯୋଜନାଠାରୁ ଅପହଞ୍ଚ ଦୂରରେ ରହିଛି । ଭିତ୍ତିଭୂମି ନିର୍ମାଣର ଗୁଣାତ୍ମକ ଦିଗ ପ୍ରତି ରାଜନେତା ଓ ପ୍ରଶାସନ ସଂପୂର୍ଣ୍ଣ ଭାବେ ବର୍ଷ ବର୍ଷ ଧରି ଅଣଦେଖା କରିଆସୁଥିବା ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି । ସୋମବାର ଜିଲ୍ଲା ପ୍ରଶାସନର ଜନଶୁଣାଣି ଶିବିରରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ନିଜ ଦୁଃଖ ଅବଗତ କରାଇଛନ୍ତି । ଜିଲ୍ଲାପାଳ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇ ରିପୋର୍ଟ ଦେବା ଲାଗି କହିଛନ୍ତି । ଲୋକେ ଶାଳୀନତା ଓ ସହିଷ୍ଣୁତା ରକ୍ଷା କରି ଗ୍ରାମକୁ ଫେରିଛନ୍ତି ସତ; କିନ୍ତୁ ତାଙ୍କ କଥା ବୁଝିବ ସେ ବିଶ୍ୱାସ ସେମାନଙ୍କର ନାହିଁ । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର ସୀମାନ୍ତରେ ନଦୀ, ଝରଣା, ନାଳ ଏବଂ ଚାରି ପଟେ ପାହାଡ଼ ଘେରା ମଧ୍ୟରେ ଥିବା ବୁଢାଦୁରୀଙ୍ଗ ଗ୍ରାମ ଚିର ଅବହେଳିତ । ବାସସ୍ଥାନ କଳାହାଣ୍ଡି ଜିଲ୍ଲା ହୋଇଥିଲେ ମଧ୍ୟ ଏମାନେ କନ୍ଧମାଳ ଜିଲ୍ଲା ଉପରେ ନିର୍ଭର କରୁଛନ୍ତି । ରାହୁଲ ନଦୀର ପାଦ ଦେଶରେ ବର୍ଷ ବର୍ଷ ଧରି କେଉଁ କାଳରୁ ବୁଢାଦୁରିଙ୍ଗ ଗ୍ରାମ ଛିଡା ହୋଇଛି । ବାପ, ଜେଜେବାପା ଅମଳରୁ ସେହି ଗାଁରେ ବସତି ସ୍ଥାପନ ହୋଇଛି । ଏବେ ବିଭିନ୍ନ ପଡ଼ାରେ ପ୍ରାୟ ୫୦ ପରିବାରର ୩୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି । ସେମାନଙ୍କ ମଧ୍ୟରେ କିଛି ଆଦିବାସୀ ଏବଂ ଅଧିକାଂଶ ହରିଜନ ସଂପ୍ରଦାୟର ଅଛନ୍ତି । ଗାଁର ସମସ୍ୟା ବଖାଣିଲେ ଲମ୍ବା ତାଲିକା ହୋଇଯିବ । ଗାଁରେ ସର୍ବନିମ୍ନ ସୁବିଧା ତଥା ପାନୀୟ ଜଳ, ରାସ୍ତା, ସ୍କୁଲ, ଜଳସେଚନ ବ୍ୟବସ୍ଥା ଏପରିକି ଅଙ୍ଗନବାଡି କେନ୍ଦ୍ରଟିଏ ମଧ୍ୟ ନାହିଁ । କିନ୍ତୁ ଅଙ୍ଗନବାଡି ନାଁରେ ୬ରୁ ୭ମାସରେ ଥରେ ଯେଉଁ ସାମଗ୍ରୀ ମିଳେ ତାହା ମଧ୍ୟ ପାଇବା ବେଳେ ଖୁବ୍ ହଇରାଣ ହେବାକୁ ପଡେ । ୫ଟି ପାହାଡ଼ ଡେଇଁ ଗଲାପରେ ଅଙ୍ଗନୱାଡ଼ି କେନ୍ଦ୍ରରୁ ଯାହା ମିଳେ । ଖାଦ୍ୟ ସୁରକ୍ଷା ଯୋଜନାରୁ ଗାଁର କିଛି ହିତାଧିକାରୀଙ୍କୁ ଚାଉଳ ମିଳେ; କିନ୍ତୁ ଚାଉଳ ଆଣିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଚାଲି ଚାଲି ଗଲେ ୨୦କିମି ରାସ୍ତାରେ ୫ଟି ପାହାଡ ପାର ହେବାକୁ ପଡ଼ିଥାଏ । ଗାଡିରେ ଗଲେ ୭୦ କିମି ବୁଲି ବୁଲି ଯିବାକୁ ପଡେ । ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଗାଁକୁ ବିଜୁଳି ବ୍ୟବସ୍ଥା ହୋଇପାରିନାହିଁ । ଗ୍ରାମବାସୀ ସୋଲାର୍ ଲାଇଟ୍ ପାଇଁ ଦରଖାସ୍ତ କରିଥିଲେ । ତଥାପି କେହି ଗୁରୁତ୍ୱ ଦେଇ ନ ଥିବା ଏମାନେ କହିଛନ୍ତି । ବୁଢାଦୁରୀଙ୍ଗ ଗାଁରେ ପ୍ରକୃତ ହିତାଧିକାରୀ ଚୟନ ମଧ୍ୟ ଠିକ୍ ରୂପେ କରାଯାଇନି ।ବହୁ ବୃଦ୍ଧବୃଦ୍ଧା ଏବଂ ବିଧବା ଭତ୍ତା ପାଇବାରୁ ବଞ୍ଚିତ ହୋଇ କାଳ କାଟୁଛନ୍ତି । ସେହିପରି ଗାଁରେ ସ୍କୁଲ ଖଣ୍ଡେ ନ ଥିବା ଯୋଗୁଁ ପ୍ରାଥମିକ ଶିକ୍ଷା ମଧ୍ୟ ସମ୍ଭବ ହୋଇ ପାରୁନାହିଁ । କଷ୍ଟେମଷ୍ଟେ କିଛି ପିଲା କନ୍ଧମାଳ ଜିଲ୍ଲାର ନିଜ ନିଜର ବନ୍ଧୁ ପରିବାରଙ୍କ ଘରେ ଓ ଆଶ୍ରମ ସ୍କୁଲରେ ରହି ପାଠ ପଢୁଛନ୍ତି । ବର୍ଷ ବର୍ଷ ଧରି ବୁଢାଦୁରୀଙ୍ଗ ଗ୍ରାମ ଗଢି ଉଠିଛି । ବିଡମ୍ବନାର ବିଷୟ ଏହି କି ଯେ, ଗ୍ରାମବାସୀଙ୍କ ମଧ୍ୟରେ କାହାର ଘରପଟ୍ଟା ନାହିଁ କିମ୍ବା ଜଙ୍ଗଲ ଜମି ପଟ୍ଟା ମଧ୍ୟ ହୋଇପାରିନାହିଁ । ସରକାରଙ୍କ ଆବାସ ଯୋଜନାଠାରୁ ଆରମ୍ଭ କରି ସବୁ ଯୋଜନା ଯେମିତି ବୁଢାଦୁରୀଙ୍ଗ ଗାଁ ପାଇଁ ସାତ ସପନ ପାଲଟିଯାଇଛି । କୌଣସି ସ୍କୁଲରେ ନାମ ଲେଖାଇବା ବେଳେ ସ୍କୁଲ କର୍ତ୍ତୃପକ୍ଷ ଜାତି ପ୍ରମାଣପତ୍ର ମାଗିଲେ କଥା ସରିଲା । ନିଜର ସ୍ଥାୟୀ ବାସିନ୍ଦା ହିସାବରେ କୌଣସି ପ୍ରମାଣପତ୍ର ନ ଥିବା ଯୋଗୁଁ ଜାତି ପ୍ରମାଣପତ୍ର ପାଇବା ମଧ୍ୟ କାଠିକର ହୋଇପଡେ । ଗାଁରେ ଅଙ୍ଗନବାଡି କେନ୍ଦ୍ର ପାଇଁ ସ୍ଥାନ ଚିହ୍ନଟ ହୋଥିଲେ ମଧ୍ୟ ଏ ଯାବତ୍ ଅଙ୍ଗନବାଡି କେନ୍ଦ୍ରଟିଏ ହୋଇପାରିନାହିଁ । ବର୍ଷ ବର୍ଷ ଧରି କଳାହାଣ୍ଡି ଜିଲ୍ଲା ପ୍ରଶାସନ ଦୃଷ୍ଟି ଆଢୁଆଳରେ ଥିବା ବୁଢାଦୁରୀଙ୍ଗ ଗ୍ରାମକୁ କୌଣସି ସରକାରୀ ଅଧିକାରୀ ନ ଯିବା ଏବଂ କୌଣସି ରାଜନେତାଙ୍କ ପାଦ ନ ପଡ଼ିବା ଦୁଃଖ ଓ ପରିତାପର ବିଷୟ ବୋଲି ଗ୍ରାମବାସୀ କ୍ଷୋଭର ସହିତ ଜଣାଇଛନ୍ତି । ସେମାନଙ୍କ ଭିତରେ ଥିବା ପୁଞ୍ଜିଭୂତ ଅସନ୍ତୋଷର ନିଆଁ ବି ଦେଖିବାକୁ ମିଳିଛି । ସେମାନେ ରୋକ୍ ଠୋକ୍ ପ୍ରକାଶ କରିଛନ୍ତି ଯେ, ଏଥର ସମସ୍ତ ଗ୍ରାମବାସୀ ଆନ୍ଦୋଳନ ଦ୍ୱାରା ଅଞ୍ଚଳର ବିକାଶ ପାଇଁ ପ୍ରସ୍ତୁତ ହେବେ । ସହିଦ ଟଡ଼ ଡମ୍ବ ସ୍ମୃତି ଟ୍ରଷ୍ଟ ଏହି ସଂକଳ୍ପ ନେଇଛି ।

**୫ ପାହାଡ ନ ଡେଇଁଲେ ଗର୍ଭବତୀଙ୍କୁ ମିଳେନି ବଟିକା**

**ଦୁଃଖ ସହିବାର ଅଗ୍ନିପରୀକ୍ଷା ଦେଇ ଦିନ କାଟୁଛନ୍ତି ଅଭିଶପ୍ତ ଗ୍ରାମବାସୀ**

## ପଞ୍ଜୀକରଣ, ଆବାସ ଓ ପରିବହନ ବ୍ୟବସ୍ଥା ଉପସମିତିର ବୈଠକ



ଭବାନୀପାଟଣା, ୭ ।୧(ସମିସ): କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାରର ବାର୍ତ୍ତାବହ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ଆସନ୍ତା ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଭବାନୀପାଟଣା ଠାରେ ମହାସମାରୋହରେ ଅନୁଷ୍ଠିତ ହେବ । ଏଥିପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ, ଉତ୍ସବ ପାଳନ ସବ କମିଟିର ଆବଶ୍ୟକ ପୂର୍ବ ପ୍ରସ୍ତୁତି ଜାରିରହିଛି ।ଏହି ଅବସରରେ ମଙ୍ଗଳବାର ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଇନ୍ଦ୍ରଜିତ ମହାଖୁଡଙ୍କ ଅଧ୍ୟକ୍ଷତାରେ ପଞ୍ଜୀକରଣ, ଆବାସ ଓ ପରିବହନ ବ୍ୟବସ୍ଥା ଉପସମିତି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଗାମୀ କଳାହାଣ୍ଡି ଉତ୍ସବ ୨୦୨୫କୁ ଅଧିକ ଆକର୍ଷଣୀୟ ଓ ସରସ ସୁନ୍ଦର ଭାବରେ ସମସ୍ତଙ୍କ ସହଯୋଗରେ ଜିଲ୍ଲା, ଜିଲ୍ଲା ବାହାରୁ ରାଜ୍ୟ ବାହାରୁ ଆସୁଥିବା ସାଂସ୍କୃତିକ ଦଳର ସଦସ୍ୟମାନଙ୍କ ରହିବା, ପରିବହନ ଓ ପଞ୍ଜୀକରଣ କେମିତି ସୁନ୍ଦର ଭାବେ ହୋଇପାରିବ ଆଲୋଚନା କରାଯାଇଥିଲା । ବୈଠକରେ ଜିଲ୍ଲା ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆ, ଉପ ସମିତିର ଉପାଧ୍ୟକ୍ଷ ଚିତ୍ତ ରଞ୍ଜନ ପାତ୍ର, ଆବାହକ ଆଲୋକ କୁମାର ସାହୁଙ୍କ ସମେତ ଉପସମିତିର ଅନ୍ୟ ସଦସ୍ୟ ଓ ସଦସ୍ୟା ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଉପସମିତିର ସଦସ୍ୟ ନୀଳାଞ୍ଚଳ ପାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗ୍ରାମ ବିକାଶ ଶିକ୍ଷା ନିକେତନର ବାର୍ଷିକ କ୍ରୀଡ଼ା



ଥୁଆମୂଳ ରାମପୁର, ୭ ।୧(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗ୍ରାମ ବିକାଶ ଶିକ୍ଷା ନିକେତନର ୨୮ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଗ୍ରାମ ବିକାଶ ଶିକ୍ଷା ନିକେତନର ଅଧ୍ୟକ୍ଷ ଅରବିନ୍ଦ ସ୍ୱାଇଁ ସଭାପତିତ୍ୱ କରିଥିଲେ । ଏବିଇଓ ହେମନ୍ତ ପଣ୍ଡା, ଗ୍ରାମ ବିକାଶ ଶିକ୍ଷା ନିକେତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ନାୟକ, ସିନ୍ଧିପଦର ସରପଞ୍ଚ ଗୀତାଞ୍ଜଳି ମାଝି, ଥୁଆମୂଳ ସରପଞ୍ଚ ବଳଭଦ୍ର ଜାନୀ, ଥୁଆମୂଳ ପଞ୍ଚାୟତ ସମିତି ସଦସ୍ୟା ରାନୀ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ କାହ୍ନୁ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ ।

## ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଘାଟିତ



ଥୁଆମୂଳରାମପୁର, ୭ ।୧(ସମିସ): ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କଳାହାଣ୍ଡି ଉତ୍ସବ'ଘୁମୁରା'୨୦୨୫ର ବ୍ଲକ ସ୍ତରୀୟ ଉତ୍ସବ ଥୁଆମୂଳ ରାମପୁର ଖଣ୍ଡୁଆଳ ପଡ଼ିଆରେ ଆନୁଷ୍ଠାନିକ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ସ୍ଥାନୀୟ ଖଣ୍ଡୁଆଳ ଖେଳପଡ଼ିଆର ସ୍ଥାୟୀ ମଞ୍ଚରେ ଚଳିତ ବର୍ଷର ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ'ଘୁମୁରା' ଉଦ୍‌ଘାଟିତ ହୋଇଥିଲା ।ଉଦ୍‌ଘାଟନୀ ଉତ୍ସବରେ ଥୁଆମୂଳ ରାମପୁର ବିଡ଼ିଓ ଧ୍ରୁବ ଚରଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ପବିତ୍ର ନାଏକ, ମୁଖ୍ୟବକ୍ତା ବିଧାୟକ ପ୍ରତିନିଧି ମାଣିକ୍ୟଚନ୍ଦ୍ର ନାଏକ, ସମ୍ମାନୀତ ଅତିଥି ଭାବେ ଏମ୍‌ଏମପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀ, ତହସିଲଦାର ନିରୋଜ ଭତ୍ରା, ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଟୁନୀ ଖୋସ୍ଲା, ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ବିଜୟା ମାଝୀ, ସମିତି ସଭ୍ୟା ଶ୍ରୀମତୀ ପୁଷ୍ପାଞ୍ଜଳି ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ ।ସକଳେ ସ୍ଥାନୀୟ ମାଁ ମାଣିକେଶ୍ୱରୀ ମନ୍ଦିରରରେ ପୂଜାର୍ଚ୍ଚନା ପରେ ମାଁଙ୍କ ପାଖରୁ ବିଡିଓ ଧ୍ରୁବ ଚରଣ ମୁଦୁଲି, ସାଂସଦ ପ୍ରତିନିଧି ପବିତ୍ର ନାଏକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀ ପ୍ରଜ୍ୱଳିତ ମଶାଲକୁ ହାତରେ ଧରି ବାହାରି କଳାହାଣ୍ଡିର ପାରମ୍ପରିକ ଲୋକବାଦ୍ୟ ଘୁମୁରା ଏବଂ ସଂକୀର୍ତ୍ତନର ତାଳେତାଳେ ମିଶନ ଶକ୍ତିର ମହିଳାମାନେ ହଳିଆଘାଟ ଝରଣାରୁ ୧୦୮ କଳସରେ ଜଳଧାରଣ କରି ଶୋଭାଯାତ୍ରାରେ ବାହାରି ଖଣ୍ଡୁଆଳ ମଞ୍ଚରେ ଅବସ୍ଥାପିତ କରିଥିଲେ ।ପରେ ଅତିଥିମାନଙ୍କ ଦ୍ୱାରା ବିଧିବଦ୍ଧ ଭାବେ ମଞ୍ଚ ଉଦଘାଟନ ହୋଇଥିଲା ।ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା ।ସଭା ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଜୟପାଟଣାର ଘୁମୁରା ଓ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ମଞ୍ଚରେ କଟକର ଶ୍ରୀକଳା ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ମୟୂରୀ ନୃତ୍ୟ ଏବଂ ବାରମାସୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା ।ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଏବଂ ବିଭିନ୍ନ ରାଜନୈତିକ ଦଳର ନେତା, ନେତ୍ରୀ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଅତିଥି ଭାବେ ମଞ୍ଚରେ ଆମନ୍ତ୍ରିତ କରାଯାଇଥିଲା । ପ୍ରଥମ ସାଂସ୍କୃତିକ ସନ୍ଧ୍ୟାରେ କିରଣ କୁମାର ଧଙ୍ଗଡ଼ାମାଝୀ ପରିଚଳନା କରିଥିଲେ ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚୟନ ପରୀକ୍ଷା



କେସିଙ୍ଗା, ୭ ।୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ଚୟନ ପରୀକ୍ଷା ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇ ଯାଇଛି ।କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ ସମୁଦାୟ ଦୁଇଟି ସେଣ୍ଟର ବିଦ୍ୟାପୀଠ ସ୍କୁଲ ଓ ଆଦର୍ଶବିଦ୍ୟାଳୟରେ ସୁରୁଖୁରୁରେ ଅନୁଷ୍ଠିତ ହୋଇଯାଇଛି ।କେସିଙ୍ଗା ଆଦର୍ଶ ବିଦ୍ୟାଳୟରେ ସମୁଦାୟ ୨୦୦ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୦ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ବେଳେ ୧୯୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେହିପରି କେସିଙ୍ଗା ବିଦ୍ୟାପୀଠ ସ୍କୁଲରେ ସମୁଦାୟ ୨୩୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୨୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ଥିବା ବେଳେ ୧୪ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ ।

## ତୋଫାଲି ନାଏକ ମୃତ୍ୟୁ ଘଟଣା




ଜୁନାଗଡ଼, ୭ ।୧(ସମିସ): ଭବାନିପାଟଣା ସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପ୍ରଥମ ବର୍ଷ ର ଛାତ୍ରୀ ତୋଫାଲି ନାଏକଙ୍କ ଇନ୍ଦ୍ରାବତୀ ଛାତ୍ରୀ ନିବାସରେ ଗତ ଡିସେମ୍ବର ୧୯ ତାରିଖ ଦିନ ସନ୍ଦେହଜନକ ମୃତ୍ୟୁ ହୋଇଥିଲା । ଏସଂକ୍ରାନ୍ତରେ ଅଲ ଓଡ଼ିଶା ସିଡୁଲ କାଷ୍ଟ ଫେଡରେସନ ପକ୍ଷରୁ ଜୁନାଗଡ଼ସ୍ଥିତ ଓରିଅନ ହୋଟେଲରେ ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପରିବାର ଲୋକଙ୍କ ଅଭିଯୋଗ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିବା କଥା ସହ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ଏହା ହତ୍ୟାକାଣ୍ଡ ହୋଇ ଥାଇପାରେ କିମ୍ବା ଏକ ମୋବାଇଲ ଚୋରି ଘଟଣାକୁ ନେଇ ହଷ୍ଟେଲ ଭିତରେ ସର୍ବସମ୍ମୁଖରେ ଅତ୍ୟନ୍ତ ଅପମାନ କରିଥିବା ଦୃଷ୍ଟିରୁ ନାବାଳିକା ଝିଅ ମୃତ୍ୟୁର ବାଟ ବାଛି ନେଇ ଥାଇପାରେ ବୋଲି ସଂଗଠନର ସଭାପତି ଧନଞ୍ଜୟ ଦୀପ ପ୍ରକାଶ କହିଛନ୍ତି ।ଜାନୁଆରୀ ୪ ତରିଖ ଦିନ ଝିଅର ପରିବାର ପୁଲିସର ଉପସ୍ଥିତରେ ହଷ୍ଟେଲରୁ ଝିଅର ବ୍ୟବହାର କରୁଥିବା ସବୁ ଜିନିଷପତ୍ର ଘରକୁ ଆଣିଲେ ଝିଅର ମୋବାଇଲ କଭର ଭିତରେ ଏକ ଲେଖା ବାହାରିଲା ସେଥିରେ ସେ ଝିଅ ତାର ସାନ ଭଉଣୀକୁ ଲେଖିଛି ମୋତେ ଦୁଇଟି ଝିଅ ମାରି ଦେବାକୁ ପ୍ଲାନ୍ କରୁଛନ୍ତି ବୋଲି ଏଣୁ ଏହି ଠାରୁ ପ୍ରମାଣିତ ହେଉଛି ଯେ ଝିଅକୁ ମାରି ଦିଆଯାଇଛି । ମୃତ୍ୟୁର ଆଜକୁ ୧୮ ଦିନ ପରେ ବି ମୃତ୍ୟୁର ରହସ୍ୟ ପୁଲିସ ଉନ୍ମୋଚନ କରି ନପାରିବା ଚିନ୍ତାର ବିଷୟ । ଏହି ଘଟଣାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ହଷ୍ଟେଲର ଅଧକ୍ଷ ୱାଡେନ୍ କାର୍ଯ୍ୟରେ ଅବହେଳା ପ୍ରତି ଆଜି ପର୍ଯ୍ୟନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଘଟଣାକୁ ଆହୁରି ଅଧିକ ସନ୍ଦେହଘେରକୁ ନେଇଯାଉଛି ।ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ ତରଫରୁ କଳାହାଣ୍ଡି ପୋଲିସ ପ୍ରଶାସନ ମୁଖ୍ୟ ଆରକ୍ଷୀ ଅଧିକ୍ଷକ, ମୁଖ୍ୟମନ୍ତ୍ରୀ ଘଟଣା ଉପରେ ହସ୍ତକ୍ଷେପ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ।

ଉଚିତ୍ ନ୍ୟାୟ ନ ମିଳିଲେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଧନଞ୍ଜୟ ଦୀପ୍, ଉପଦେଷ୍ଟା ଶତ୍ରୁଘ୍ନ ନାଏକ, ଧନଞ୍ଜୟ ଖମାରି, ଭଗବାନ ନାଏକ, ରୋହିତ ଛତ୍ରୀଆ, ସୁନ୍ଦର ଲାଲ କୁମାର, ସତ୍ୟନାରାୟଣ ବୈଶଙ୍କ ସମେତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

**ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

## ଜାନୁଆରୀ ମାସରୁ ତେଲ ନଦୀରେ ପାଣି ନିଅଣ୍ଟ

କେସିଙ୍ଗା, ୭ ।୧(ସମିସ)



ଶୀତ ଦିନ ସରିନି କି ଖରା ଦିନ ଆସିନି କିନ୍ତୁ ପିଇବା ପାଣି ପାଇଁ କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ହାହାକାର ମଚିଲାଣି ।ମଙ୍ଗଳବାର ଦିନ ସହରର ଜଳ ଯୋଗାଣ ଠପ୍ ହୋଇଯାଇଛି ।କେସିଙ୍ଗା ସହରର ପାଦଦେଶରେ ଚିରସ୍ରୋତା ତେଲ ନଦୀ କାହିଁ କେତେ କାଳରୁ ବହିଚାଲିଛି । ଯାହାକି ଏକ ଦଶନ୍ଧିରୁ ଉର୍ଦ୍ଧ୍ୱର୍ ହେବ କମ୍ପାନୀର ଶୋଷ ମେଣ୍ଟାଇ ମେଣ୍ଟାଇ ତେଲ ନଦୀ ଶୁଖି ଗଲାଣି । କେବଳ କେସିଙ୍ଗା ସହରର ୧୨ ୱାର୍ଡର ଜନସଂଖ୍ୟା ପ୍ରାୟ ୩୦ ହଜାର । ମଙ୍ଗଳବାର ଦିନ ସହରର ହଜାର ହଜାର ଲୋକ ଟୋପାଏ ପାଣି ପାଇନାହାନ୍ତି ।ସେପରେ ତେଲନଦୀ ପାଣି ବିହୁନେ ମରୁଭୂମି ପାଲଟି ଗଲାଣି । ବର୍ତ୍ତମାନ ଜାନୁଆରୀ ମାସରେ ଯଦି ଅବସ୍ଥା ଏପରି ତାହେଲେ ଖରାଦିନ କିପରି କଟିବ ତାହା ଭାବି ଜନସାଧାରଣଙ୍କ ନିଦ ହଜି ଯାଇଛି । ଯେଉଁ ପାଖରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନଦୀରୁ ପାଣି ଟାଣିବା ପାଇଁ ମଟର ଲଗାଯାଇଛି ସେଠାରେ ପାଣି ନାହିଁ କହିଲେ ଚଳେ । କାରଣ ଆଗକୁ ଅନ୍ତନଦୀ ଜଳପ୍ରକଳ୍ପ କରାଯାଇ ଜଳସେଚନ ପାଇଁ ପାଣି ବନ୍ଧାଯାଇଛି ।ଫଳରେ ପାଣି ଉପର ମୁଣ୍ଡକୁ ପାଣି ପହଞ୍ଚି ପାରୁ ନାହିଁ । ପୁଣି ସେଥିରେ କମ୍ପାନୀର ବଡ଼ ବଡ଼ ପାଇପ ଲାଗି ପ୍ରତିଦିନ ଲକ୍ଷ ଲକ୍ଷ ଲିଟର ପାଣି ଯାଉଛି । ଜଳଯୋଗାଣ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ବୁଧବାର ସକାଳୁ ସହରରେ ଜଳ ଯୋଗାଣ ସ୍ୱଭାବିକ ଅବସ୍ଥାକୁ ଫେରିବ ବୋଲି କହିଛନ୍ତି ।

**ମଙ୍ଗଳବାର ସହରରେ ଜଳଯୋଗାଣ ଠପ୍**

**ଖରା ଦିନରେ ଅସମ୍ଭାଳ ହେବ ପରିସ୍ଥିତି**

## ଇନ୍ଦ୍ରାବତୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



କୋକସରା, ୭ ।୧(ସମିସ): କୋକସରା ବ୍ଲକ ଇନ୍ଦ୍ରାବତୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରିଡ଼ା ଉତ୍ସବ 'ଉତ୍ସାହ' ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ରେଙ୍ଗାଲପାଲି ସରପଞ୍ଚ ପଦ୍ମିନୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ପଣ୍ଡା, ଭାରପ୍ରାପ୍ତ ଅଧ୍ୟକ୍ଷ ଲୋକନାଥ ନାଏକ, ଡହଗାଁ ସରପଞ୍ଚ କୁଞ୍ଜଲତା ନାଏକ, ହରିଶଙ୍କର ବାଗ, ଅନିରୁଦ୍ଧ ପାତ୍ର, କୃପାସିନ୍ଧୁ ପାତ୍ର, ହେମନ୍ତ ନାଏକ, ବାଲକୃଷ୍ଣ ନାଏକ, କେତନ ପାତ୍ର, ସାମ୍ବାଦିକ ହିରଣ୍ୟ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନଙ୍କ ଦ୍ୱାରା କ୍ରିଡ଼ା ପତାକା ଉତ୍ତୋଳନ କରେ କ୍ରୀଡ଼ା ଶୁଭାରମ୍ଭ କରାଯାଇଥିଲା ।

ଉଦ୍‌ଘାଟନୀ ସଭାକୁ ଶିକ୍ଷକ ଧୀରେନ୍ଦ୍ର କୁମାର ପଣ୍ଡା ଓ ହରେଶ ପାନ ପରିଚାଳନା କରିଥିଲେ । ଖେଳ ଶିକ୍ଷକ ଅଜୟ ସରାଫଙ୍କ ତତ୍ତ୍ୱାବଧାନରେ ଛାତ୍ର ଛାତ୍ରୀମାନଙ୍କୁ ନେଇ ଜୁନିଅର, ସିନିଅର ଓ ସୁପର ସିନିଅର ତିନି ଭାଗରେ ବିଭକ୍ତ କରି ଦୌଡ, ଡିଆଁ, ସଟପୁଟ ଥ୍ରୋ, ଡିସକସ୍ ଆଦି ପ୍ରତିଯୋଗିତା କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରୁଛନ୍ତି ।

## ବିପୁଳ ପରିମାଣରେ ନକଲି ମଦ ଜବତ, ୪ ଗିରଫ

**ନୂଆପଡ଼ା, ୭।୧(ସମିସ):** ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ କିଛିଦିନ ହେଲା ନକଲି ବିଦେଶୀ ମଦ ତିଆରି କାରବାର ବୃଦ୍ଧିପାଇଥିବା ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଏଥିରେ କିଛି ରାକେଟ କାମକରି ବିଭିନ୍ନ ମଦ ଦୋକାନୀଙ୍କୁ ଯୋଗାଣ କରୁଥିବା କୁହାଯାଉଛି। ଏମିତି ଏକ ମଦ ତିଆରି ଆ‡ାକୁ ଜିଲ୍ଲା ଅବକାରୀ ବିଭାଗ ଚଢ଼ଉ କରି ବିପୁଳ ପରିମାଣରେ ନକଲି ବିଦେଶୀ ମଦ ଓ ପ୍ରସ୍ତୁତି ସରଞ୍ଜାମ ସହ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲାଲସିଂ ବାବୁ(୪୦), ପଙ୍କଜ କୁ (୩୨), ଶ୍ରୀକାନ୍ତ ସା(୩୪) ଏବଂ ଖିରସିନ୍ଧୁ ମାଝୀ(୩୦)। ମଙ୍ଗଳବାର ପୂର୍ବାହ୍ନରେ ବୋଡେନ ବ୍ଲକ ସଦର ମହକୁମାରେ କିଛି ଲୋକ ବିଦେଶୀ ମଦ ବୋଝେଇ କରି ନେଉଥିବା ଅବକାରୀ ବିଭାଗ ନିକଟରେ ଖବର ପହଞ୍ଚିଥିଲା। ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଟିମ ପିଛା କରି ବୋଡେନର ସ୍ୱତନ୍ତ୍ର ଆ‡ାରେ ମଦ ତିଆରି କରୁଥିବା ଦେଖିବାକୁ ପାଇଥିଲା। ସେଠାରୁ ମୋଟ ୬୩ହଜାର ୪୧୦ ଲିଟର ବିଭିନ୍ନ କମ୍ପାନୀର ବ୍ରାଣ୍ଡ ଲାଗିଥିବା ମଦ ଜବତ କରାଯାଇଛି। ଏହା ସହ ନକଲି ସିଲ୍, କ୍ୟାପ, ଖାଲି ବୋତଲ ଓ ତିନୋଟି ମୋବାଇଲ ସହ ଦୁଇଟି ବାଇକ ହସ୍ତଗତ ହୋଇଛି।

## ଲକ୍ଷାଧିକ ଟଙ୍କାର କାଠ ଜବତ

**କଣ୍ଟାବାଞ୍ଜି, ୭।୧(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଅଞ୍ଚଳରେ ବର୍ଷବର୍ଷ ଧରି ବେଆଇନ କାଠ ଚୋରା ଚାଲାଣ ହୋଇ ଆସୁଥିବାବେଳେ ଜଙ୍ଗଲ ସଫା ହେବାରେ ଲାଗିଛି। ଏହି କ୍ରମରେ ମଙ୍ଗଳବାର ବଲାଙ୍ଗିର ଡିଏଫ୍ଓଙ୍କ ନିର୍ଦ୍ଦେଶ କ୍ରମେ କଣ୍ଟାବାଞ୍ଜି ସହରର ଆମପଡ଼ା ଏବଂ କାନୁଟ ଗାଁରେ ବନବିଭାଗ ଚଢ଼ଉ କରି ପ୍ରାୟ ୩୦ ଟ୍ରାକ୍ଟର ଖଇର କାଠ ଜବତ କରିଛି। କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କାର ହେବ ବୋଲି ଅନୁମାନ କରାଯାଉଛି। ଏହି ଚଢ଼ଉରେ ବଲାଙ୍ଗିର ଜିଲ୍ଲାର ୬ ଟି ରେଞ୍ଜର ଅଧିକାରୀ ଏବଂ କର୍ମଚାରୀ ସାମିଲ ଥିଲେ। ଏଥିରେ ବ୍ୟବହୃତ ଗୋଟିଏ ଟ୍ରାକ୍ଟର ଜବତ କରାଯାଇଥିବାବେଳେ ତଦନ୍ତ ଜାରିରହିଥିବା କଣ୍ଟାବାଞ୍ଜି ରେଞ୍ଜର ସିଦ୍ଧାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

● ପାଟଣାଗଡ଼ ପାର୍ସଲ ବୋମା ଘଟଣା

## ପ୍ରତିପକ୍ଷ ଓକିଲଙ୍କ ଆପତ୍ତି, ଘୁଞ୍ଚିଲା ତର୍କ ତାରିଖ

**ପାଟଣାଗଡ଼, ୭।୧(ସମିସ):** ବହୁ ଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ଘଟଣାରେ ମଙ୍ଗଳବାର ଜିଲ୍ଲା ଦୌରା ଜଜ୍ ପାଟଣାଗଡ଼ଙ୍କଠାରେ ଦୁଇପକ୍ଷ ଓକିଲ ମାନଙ୍କ ମଧ୍ୟରେ ତର୍କ ହେବାର ଥିଲା। ସରକାରୀ ଓକିଲଙ୍କ ପକ୍ଷରୁ ଅଦାଲତଙ୍କଠାରେ ୪ଟି ଫାଇଲ ପ୍ରସ୍ତୁତ କରି ଦିଆଯାଇଥିଲା। ଉକ୍ତ ଘଟଣାରେ ପ୍ରତିପକ୍ଷ ଓକିଲ ଆପତ୍ତି ଉଠାଇଥିବାରୁ ପରବର୍ତ୍ତି ତାରିଖରେ ପୁଣି ତର୍କ ହେବାପାଇଁ ଜିଲ୍ଲା ଦୌରା ଜଜ୍ ପାଟଣାଗଡ଼ ନିର୍ଦ୍ଦେଶ ଦେଇଥିବା ସରକାରୀ ଓକିଲ ଆଶିଷ ଚନ୍ଦନଙ୍କ ଠାରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ପାର୍ସଲ ବୋମା ଘଟଣାରେ ୫୯ ଜଣଙ୍କ ବୟାନ ନିଆ ସରିଥିବାବେଳେ ଆହୁରି ଦୁଇ ଜଣଙ୍କ ବୟାନ ନେବା ବାକି ରହିଛି।

## ଗଞ୍ଜେଇ ଚାଲାଣ ମାମଲାରୁ ଅଭିଯୁକ୍ତ ନିର୍ଦ୍ଦୋଷ

**ମନମୁଣ୍ଡା, ୭।୧(ସମିସ):** କନ୍ଧମାଳ ଅତିରିକ୍ତ ଜିଲ୍ଲା ଜଜ୍ (ସ୍ପେସାଲ୍ ଜଜ୍) ଜଣେ ଗଞ୍ଜେଇ ଅଭିଯୁକ୍ତ କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।ଗତ ୨୦.୧.୨୦୨୩ ତାରିଖରେ ଅବକାରୀ ବିଭାଗ କନ୍ଧମାଳ ଥାନା ବଡକୁସୁଙ୍ଗ ଛକ ନିକଟରୁ ୧୦କେଜି ଗଞ୍ଜେଇ ଜବତ କରିଥିଲା।ସେଥିରେ ଭଦ୍ରକ ଜିଲ୍ଲା କନ୍ଦପୁର ଗ୍ରାମର ଯଦୁନାଥ ରାଉତ ସମ୍ପୃକ୍ତ ଥିବା ଦର୍ଶାଇ ଅବକାରୀ ବିଭାଗ ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲା କନ୍ଧମାଳ ଆଡିସନାଲ ଡିଷ୍ଟ୍ରିକ୍ଟ ଜଜ୍ (ସ୍ପେସାଲ୍ ଜଜ୍) କୋର୍ଟରେ ବିଚାରାଧୀନ ଥିଲା। ବିଚାରପତି ଅଜୟ କୁମାର ପ୍ରଧାନ (ଏଡିଜେ, ସ୍ପେସାଲ୍) ୪ ଜଣ ସାକ୍ଷୀଙ୍କ ବୟାନ ଓ କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍‌କୁ ଆଧାର କରି ରାୟ ପ୍ରକାଶ କରିଛନ୍ତି। ଉପଯୁକ୍ତ ପ୍ରମାଣ ଅଭାବରୁ ବିଚାରପତି ଶ୍ରୀ ପ୍ରଧାନ ଅଭିଯୁକ୍ତ ଯଦୁନାଥ ରାଉତକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତ ପକ୍ଷରୁ ବରିଷ୍ଠ ଓକିଲ ତ୍ରିନାଥ ପ୍ରଧାନ ମାମଲା ପରିଚାଳନା କରୁଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



**ବଙ୍ଗୋମୁଣ୍ଡା, ୭।୧(ସମିସ):** ବଙ୍ଗୋମୁଣ୍ଡା ସ୍ଥିତ ସରକାରୀ ବାଳିକା ନୂତନ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ହୃଦୟବାନ ଛତ୍ରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପଣ୍ଡିତ ଜ୍ୟୋତିର୍ବିତ ସୁଲେଖକ ତଥା ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁ ପ୍ରସାଦ ସାହୁ ଉଦ୍‌ଘାଟନ କରିଥିଲେ। ଶିକ୍ଷଦାନ ସହିତ ଚରିତ୍ର ଗଠନ ଉପରେ ବକ୍ତବ୍ୟ ରଖି ଭଲ ମଣିଷ ହେବା ପାଇଁ ଛତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ମିଶ୍ର, ଅଲଣ୍ଡା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ଏବଂ ଶିକ୍ଷବିତ ତଥା ସାମ୍ବାଦିକ ଅନିଲ କୁମାର ଖମାରି ଯୋଗ ଦେଇଥିଲେ। ମାହାନନ୍ଦ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସୁବର୍ଣ୍ଣ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଦର୍ଶକଙ୍କ ମନମୋହିଲା ଦିଗପହଣ୍ଡିର ପଶୁ ନୃତ୍ୟ



**ସୋନପୁର, ୭।୧(ସମିସ):**

ସୁବର୍ଣ୍ଣ ଲୋକ ମହୋତ୍ସବ ଓ ଜିଲ୍ଲାସ୍ତରୀୟ ପଲ୍ଲୀଶ୍ରୀ ମେଳାର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ଦିଗପହଣ୍ଡିର ପଶୁ ନୃତ୍ୟ ଖୁବ୍ ଆକର୍ଷଣୀୟ ହୋଇଥିଲା। କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ସୁବର୍ଣ୍ଣପୁରର କଳା, ସଂସ୍କୃତି, ନୌବାଣିଜ୍ୟ ଓ ପାଟଶିଳ୍ପ ଦେଶବିଦେଶରେ ଖ୍ୟାତି ଲାଭ କରିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣପୁର ଏସ୍‌ପି ରାମପ୍ରସାଦ ସାହୁ ଯୋଗଦେଇ ମନ୍ଦିର ମାଳିନୀ ସୁବର୍ଣ୍ଣପୁର ଜିଲ୍ଲାରେ ଯୋଗଦେଇ ଏହି ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ର ପୀଠର ଲୋକଙ୍କ ଆଚାର ବ୍ୟବହାରରେ ଅଭିଭୂତ ହୋଇଛି ବୋଲି କହିଥିଲେ। ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ମହୋତ୍ସବର ଦ୍ୱିତୀୟ ସାଂସ୍କୃତିକ ସଭାରେ ଏଡିଏମ୍ ଅଞ୍ଜଳିନା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ସୋନପୁର ସଙ୍ଗୀତ ମହା ବିଦ୍ୟାଳୟର ଓଡ଼ିଶୀ ନୃତ୍ୟ, ମଥୁରା, କୋରାପୁଟ ଓ ରାଜସ୍ଥାନ କଳାକାରଙ୍କ ନୃତ୍ୟଗୀତରେ ଫକୀର ପଟ୍ଟନାୟକ ଖୋଲାମଞ୍ଚ ଦୁଲୁକି ଯାଇଥିଲା।

**● ବ୍ୟାପକ ଅବ୍ୟବସ୍ଥା**

ସୋନପୁର: ସୁବର୍ଣ୍ଣ ଲୋକ ମହୋତ୍ସବ-୨୦୨୫ ସୋମବାର ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରୁ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି।

**● ଅତିଥି ଗଲେ ଅଧିକାରୀ ବି ପଳାଇଲେ**

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇଥିଲେ। ମୁଖ୍ୟଅତିଥି ଉତ୍ସବସ୍ଥଳରେ ଉପସ୍ଥିତ ଥିବା ଯାଏଁ ଜିଲ୍ଲାର ପ୍ରାୟ ସମସ୍ତ ଅଧିକାରୀ ଭିଡ଼ ଲଗାଇ ଥିଲେ। ମୁଖ୍ୟଅତିଥିଙ୍କ ପ୍ରତ୍ୟାବର୍ତ୍ତନ ପରେ ଅଧିକାଂଶ ଅଧିକାରୀଙ୍କ ଆଉ ଦେଖା ନାହିଁ। ଶେଷରେ କଳାକାରଙ୍କୁ ସ୍ମୃତିଫଳକ ଦେବା ପାଇଁ ବି ଅଧିକାରୀ ନଥିଲେ।

**● ଶୀତୁଆ ରାତିକୁ ଖୋଲା ଆକାଶ**

ପ୍ରବଳ ଶୀତରେ ସୁବର୍ଣ୍ଣପୁର ଥରୁ ଥିବାବେଳେ ଦର୍ଶକଙ୍କୁ ଆହୁରି ଜାଡ଼ର ମାଡ଼ କରୁଛି ଜିଲ୍ଲା ପ୍ରଶାସନ। କାର୍ଯ୍ୟକ୍ରମ ଆୟୋଜନ ପାଇଁ ପାଣି ଭଳି ସରକାରୀ ଅର୍ଥ ବୋହି ଚାଲିଥିବା ବେଳେ ଦର୍ଶକଙ୍କ ମୁଣ୍ଡ ଉପରେ ଜିଲ୍ଲା ପ୍ରଶାସନ କନା ଖଣ୍ଡେ ଢାଙ୍କି ପାରିଲା ନାହିଁ। ଶୀତରେ ଥରିଥରି ଲୋକେ କହୁଛନ୍ତି ଧନ୍ୟରେ ପ୍ରଶାସନ।

**● ଉତ୍ସବସ୍ଥଳ ପୁରା ଖାଁ ଖାଁ**

ରାତି ୯ଟା ପରେ ଉତ୍ସବସ୍ଥଳ ପୁରା ଖାଁ ଖାଁ। ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନେ କଳା ପ୍ରଦର୍ଶନ କରୁଥିବା ବେଳେ ସାମ୍ନାରେ ଦର୍ଶକ ନଥିଲେ। ମଞ୍ଚ ଆଗରେ କେବଳ ଶତାଧିକ ଖାଲି ଚୌକି ହିଁ ମୁକସାକ୍ଷୀ ଭଳି ପଡ଼ି ରହିଥିଲେ।

**● ବାବୁ ଗରମ, ଲୋକେ ନରମ**

ପ୍ରବଳ ଶୀତ ଯୋଗୁଁ ଅଳ୍ପ କିଛି ଦର୍ଶକ କାର୍ଯ୍ୟକ୍ରମ ଦେଖୁଥିଲେ। ସମ୍ମୁଖ ଧାଡ଼ିରେ ହାତ ଗଣତି କିଛି ବାବୁ ବସି ରହିଥିଲେ। ତେବେ ୧୦-୧୫ ମିନିଟ ଅନ୍ତରାଳରେ ହଟ୍ ସୁପ୍, ଚା ଓ କଫି ଆଦି ବାବୁମାନଙ୍କ ପାଇଁ ଆସୁଥିଲା। ସପରିବାର ଆସ୍ଥାନ ଜମାଇ ଥିବା ବାବୁମାନେ ଏହି ଗରମ ସାମଗ୍ରୀରେ ଆପ୍ୟାୟିତ ହେଉଥିବା ବେଳେ ଲୋକେ ଜଳକା।

**● ଲୋକ ଉତ୍ସବ ନୁହେଁ ଶିଶୁ ମହୋତ୍ସବ**

ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲରୁ ଜିଲ୍ଲାସ୍ତର ଯାଏଁ 'ସୁରଭି' ଶିଶୁ ମହୋତ୍ସବ ଆୟୋଜିତ ହୋଇଛି। ଶିଶୁମାନେ ସୁରଭି ମହୋତ୍ସବରେ ନୃତ୍ୟଗୀତ ପ୍ରଦର୍ଶନ କରି ସାରିଛନ୍ତି। ତେବେ ଚଳିତ ଲୋକ ମହୋତ୍ସବରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନେ ବହୁ ସମୟ ଯାଏଁ ନାଚଗୀତ ଦେଖାଉଛନ୍ତି। ଉତ୍ସବସ୍ଥଳରେ ଦର୍ଶକମାନେ ଲୋକ ମହୋତ୍ସବ ନୁହେଁ ଶିଶୁ ମହୋତ୍ସବ ବୋଲି କଥାବାର୍ତ୍ତା ହେଉଥିଲେ।

## ଧରାପଡ଼ିଲା ମୋବାଇଲ ଚୋର

**ବୌଦ୍ଧ, ୭।୧(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗର ମଙ୍ଗଳବାର ସାପ୍ତାହିକ ହାଟରୁ ମୋବାଇଲ ଚୋରି ବେଳେ ଚୋରକୁ କାବୁ କରି ସ୍ଥାନୀୟ ଲୋକେ ପୋଲିସର ଜିମା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟି ମଙ୍ଗଳବାର ସନ୍ଧ୍ୟାରେ ସାପ୍ତାହିକ ହାଟ ଚାଲିଥିବା ବେଳେ ନାରାୟଣନଗର ଗ୍ରାମର ଜନୈକ ବ୍ୟକ୍ତିଙ୍କ ମୋବାଇଲ ଚୋରି କରୁଥିବା ଚୋରକୁ ଲୋକେ କାବୁ କରିଥିଲେ। ଲୋକଙ୍କ ହାତରେ ଧରା ପଡ଼ିଥିବା ଚୋର ଗଞ୍ଜାମ ଜିଲ୍ଲା ଆସ୍କା ଅନ୍ତର୍ଗତ ଆଲିପୁର ଗ୍ରାମର ଏ.ପ୍ରସାଦ ବୋଲି ସୂଚନା ମିଳିଛି। ଜହ୍ନାପଙ୍କ ଫାଣ୍ଡି ପୁଲିସ ଚୋରକୁ ଅଟକ ରଖି ତଦନ୍ତ କରୁଥିବା ସୂଚନା ମିଳିଛି।

## ଫ୍ରେଣ୍ଡସ କ୍ଲବ୍‌ର ନୂତନ ପରିଚାଳନା କମିଟି ଗଠନ

**ସୁବଳୟା, ୭।୧(ସମିସ):** ବୀରମହାରାଜପୁର ବ୍ଲକ ଅଧୀନ ଅମରପାଲି ଗ୍ରାମରେ ଥିବା ଫ୍ରେଣ୍ଡସ କ୍ଲବର ନୂତନ ପରିଚାଳନା କମିଟି ଗଠନ ହୋଇଯାଇଛି। ବସନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ସଭାରେ କ୍ଲବର ସମସ୍ତ ସଦସ୍ୟ ଯୋଗଦେଇଥିଲେ। ଜୟପ୍ରକାଶ ସାହୁ ଗତବର୍ଷର ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ପରେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ସଭାପତି ଭାବେ ବସନ୍ତ ସାହୁ, ଉପସଭାପତି କାର୍ତ୍ତିକ ପ୍ରଧାନ, ସମ୍ପାଦକ ସୁରେଶ ବିଶି, ସହ ସମ୍ପାଦକ ମୁକେଶ ସେଠ୍ ଓ କୋଷାଧ୍ୟକ୍ଷ ଭାବେ ସୁନୀଲ ସାହୁଙ୍କୁ ଚୟନ କରାଯାଇଛି। ସେହିପରି କହ୍ନେଇଚରଣ ପ୍ରଧନ, ଅଜିତ ସାହୁ, ନାରାୟଣ ପ୍ରଧାନ, ଦୁର୍ଯ୍ୟୋଧନ ପଧାନ, ଅଶୋକ ସାହୁଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ଦିଲ୍ଲୀପ ପ୍ରଧାନ, ଅମରେଶ ସାହୁ, ସୁମନ ସାହୁ, ପ୍ରମୋଦ ଦୀପ ଓ ଚନ୍ଦ୍ରଶେଖର ପତିଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ଚୟନ କରାଯାଇଛି।

## ନବୋଦୟ ବିଦ୍ୟାଳୟର ବାର୍ଷିକୋତ୍ସବ




**ତରଭା, ୭।୧(ସମିସ):** ପିଏମ୍‌ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟ, ତରଭାର ୨୪ତମ ବର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନିଶିକାନ୍ତ କେଶବ ଶାମକୁଓ୍ୱରଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡିଓ ଗଙ୍ଗାରାମ ବୁଡେକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସୋନପୁରର ଅଧ୍ୟକ୍ଷ ଦିଗନ୍ତ ମହାପାତ୍ର, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟପ୍ରକାଶ ନାରାୟଣ ସାହୁ ଓ ଏଇଏସ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷା ମିନତୀ ମିଶ୍ର ଯୋଗଦେଇ ଜ୍ଞାନ ଲାଭକରି ଭଲ ମଣିଷ ହେବାକୁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ପ୍ରାରମ୍ଭରେ ଓଡ଼ିଆ ଶିକ୍ଷକ ସୁଶୀଲ ମିଶ୍ରଙ୍କ ଦ୍ୱାରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଅଧ୍ୟକ୍ଷ ଶ୍ରୀ ଶାମକୁଓ୍ୱର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଶାଶ୍ୱତ ସାହୁଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସଙ୍ଗୀତ ଶିକ୍ଷୟିତ୍ରୀ ସ୍ୱପ୍ନାଗୁପ୍ତା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିକ୍ଷକ ସୁଶୀଲ ମିଶ୍ର ଓ ରାକେଶ ଦାଶ ମଞ୍ଚ ପରିଚାଳନା କରିଥିଲେ। କଳା ଶିକ୍ଷକ ସୂର୍ଯ୍ୟପ୍ରକାଶ ମହାନ୍ତି ମଞ୍ଚ ସାଜସଜ୍ଜା ଦାୟିତ୍ୱ ତୁଲାଇଥିଲେ। ଶିକ୍ଷକ ବିକ୍ରମ କେଶରୀ ଭୋଇ, ବିଶ୍ୱଜିତ ଛତ୍ରିଆ, ପ୍ରଦୀପ ପଟେଲ, ମନମୋହନ ପଟେଲ, ନରେଶ ପଟେଲ, ରାକେଶ ଭୋଇ, ଜ୍ୟୋତିରୋଜା ସାହୁ, ସିଦ୍ଧେଶ୍ୱର କଣ୍ଡି, ଶଙ୍କର୍ଷଣ ସାହୁ ଓ ସୁରେଖା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟା

**ବଲାଙ୍ଗିର, ୭।୧(ସମିସ):** ସର୍ବଭାରତୀୟ ବହୁଭାଷୀ ନାଟକ କାର୍ଯ୍ୟକ୍ରମ ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟା ଆୟୋଜିତ ହୋଇଯାଇଛି। ସନ୍ଧ୍ୟାରେ ଆୟୋଜିତ ସଭାରେ ବିରେନ୍ଦ୍ର କୁମାର ବଞ୍ଛୋର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ବିରୁପକ୍ଷ ତ୍ରିପାଠୀ, ନାଟ୍ୟ ନିର୍ଦ୍ଦେଶକ ତଥା ଲେଖକ ମନୋରଞ୍ଜନ ସାହୁ ଓ ନରସିଂହ ମିଶ୍ର ମଞ୍ଚାସିନ ଥିଲେ। ଏହି ଅବସରରେ ବିଶିଷ୍ଟ ଦଣ୍ଡ କଳାକାର ବିପିନ ଜାଲଙ୍କୁ ମଠଖାଇ ସମ୍ମାନରେ ସମ୍ମାନିତ କରାଯାଇଥିଲା। ରାଜେନ୍ଦ୍ର ମିଶ୍ର ମଞ୍ଚଞ୍ଚ ସମର୍ପଣ ପତ୍ର ପ୍ରଦାନ କରିଥିବାବେଳେ ସୋମ ନାଏକ ମାନପତ୍ର ପଠନ କରିଥିଲେ। ସମ୍ପାଦକ ନୟନ କୁମାର ମହାନ୍ତି ଓ ଅନ୍ୟମାନେ ସହଯୋଗ କରିଥିଲେ।



# ଧାନକଟା ପରେ କ୍ଷେତରେ ନିଆଁ ଲଗାଇଲେ ଗଣିବେ ଦଣ୍ଡ

**ବୌଦ୍ଧ, ୭।୧(ସମିସ):** ବୌଦ୍ଧ ଏକ କୃଷି ପ୍ରଧାନ ଜିଲ୍ଲା ହୋଇଥିବା ବେଳେ ଧାନ ହେଉଛି ଏଠାକାର ମୁଖ୍ୟ ଚାଷ। ଧାନକଟା ହେବା ପରେ ଚାଷୀମାନେ ଏକ ଅଣ ପାରମ୍ପରିକ ପଦ୍ଧତି ଅବଲମ୍ବନ କରୁଛନ୍ତି ଯାହା ପୂର୍ବରୁ ନଥିଲା। ଚାଷୀମାନେ ଧାନ କ୍ଷେତରେ ନିଆଁ ଲଗାଇ ଦେଉଛନ୍ତି। ଏହାଦ୍ୱାରା ପରିବେଶ ଧୂମମୟ ହେବା ସହିତ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। ଏଣିକି ଧାନ କ୍ଷେତରେ ନିଆଁ ଲଗାଇଲେ ଚାଷୀ ଗଣିବେ ମୋଟା ଅଙ୍କର ଜରିମାନା। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ତରଫରୁ ଗତ ୨୦୨୪ଡିସେମ୍ବର ୯ତାରିଖରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୨୪ର ଚିଠା ପ୍ରକାଶ କରାଯାଇଛି। ଏନେଇ ସମସ୍ତ ଅଂଶୀଦାର ଏବଂ ଜନସାଧାରଣଙ୍କ ଠାରୁ ଆପତ୍ତି ଏବଂ ପ୍ରସ୍ତାବ ଆହ୍ୱାନ କରାଯାଇଛି। ଚୂଡାନ୍ତ ନିୟମ ଅକ୍ଟୋବର ୧ ତାରିଖରୁ ଲାଗୁ କରାଯିବାର ସମ୍ଭାବନା ରହିଛି।ପୂର୍ବରୁ ଯାନ୍ତ୍ରିକ ପଦ୍ଧତିରେ ଚାଷ କାର୍ଯ୍ୟ ହେଉନଥିଲା। ଚାଷୀ ଏବଂ କୃଷି ଶ୍ରମିକମାନେ ନିଜ ହାତରେ ଧାନ କାଟୁଥିଲେ। ଧାନ କାଟିବା ପରେ ଅତି ଛୋଟ ଖୁଣ୍ଟି ମାଟି ସହିତ ଲାଗି ରହୁଥିଲା। ପରବର୍ତ୍ତୀ ସମୟରେ ହଳ ଲଙ୍ଗଳ ସାହାଯ୍ୟରେ କ୍ଷେତ ହଳ କରିବା ବେଳେ କୌଣସି ଅସୁବିଧା ହେଉନଥିଲା। ଆଜିକାଲି କମ୍ବାଇନ ହର୍ଭେଷ୍ଟର ଦ୍ୱାରା ଧାନ ଅମଳ କରାଯିବା ଯୋଗୁଁ ୧ ଫୁଟରୁ ଊର୍ଦ୍ଧ୍ୱ ଦୈର୍ଘ୍ୟ ବିଶିଷ୍ଟ ଧାନ ଖୁଣ୍ଟି ଜମିରେ ଲାଗି ରହୁଛି। ପରବର୍ତ୍ତୀ ସମୟରେ ଟ୍ରାକ୍ଟର ଦ୍ୱାରା ଜମି ହଳ କରିବା ସମୟରେ ବହୁତ ଅସୁବିଧା ସୃଷ୍ଟି ହେଉଛି। ତେଣୁ ଚାଷୀମାନେ କ୍ଷେତରେ ନିଆଁ ଲଗାଇ ଦେଉଛନ୍ତି।ଏହା ଦ୍ୱାରା ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଜମିରେ ଥିବା ବିଷଧର ସାପ ନିଆଁ ଦାଉରୁ ରକ୍ଷା ପାଇବା ପାଇଁ ଲୋକଙ୍କ ବାସଗୃହରେ ପ୍ରବେଶ କରୁଛନ୍ତି ଏବଂ ସାପ କାମୁଡ଼ା ଜନିତ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଛି।ଏହି ନିୟମରେ କୃଷିଜାତ ବର୍ଜ୍ୟ ବସ୍ତୁ ପରିଚାଳନା ସମ୍ପର୍କିତ ସବିଶେଷ ମାର୍ଗଦର୍ଶିକା ରହିବ। ସେହିପରି ସ୍ଥାନୀୟ ପ୍ରଶାସନକୁ କୃଷିଜାତ ବର୍ଜ୍ୟ ବସ୍ତୁରେ କ୍ଷେତରେ ନିଆଁ ଲଗାଉଥିବା ବ୍ୟକ୍ତି ବା ଅନୁଷ୍ଠାନ ଉପରେ ମୋଟା ଅଙ୍କର ଜରିମାନା ଲଗାଇବା ଅଧିକାର ଦେବା ସହ ସ୍ୱଚ୍ଛତା କର୍ମଚାରୀଙ୍କୁ ମଧ୍ୟ ଅଧିକ କ୍ଷମତା ପ୍ରଦାନ କରିବ।

### ଧନୁଯାତ୍ରା ମହୋତ୍ସବର ଷଷ୍ଠ ଦିବସ

# ଅକ୍ରୂରଙ୍କୁ ଗୋପପୁର ପ୍ରେରଣ ଦୃଶ୍ୟ ଅଭିନୀତ

**ବୀରମହାରାଜପୁର, ୭।୧(ସମିସ):**

ବୀରମହାରାଜପୁର ଧନୁଯାତ୍ରାର ମଙ୍ଗବାର ଥିଲା ଷଷ୍ଠ ଦିବସ। ଅବସରରେ ମାହେଶ୍ୱରୀ ସେନା ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ ହୋଇଥିବାବେଳେ ୩୭ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସାନ୍ଧ୍ୟ କାର୍ଯ୍ୟକ୍ରମରେ କିଶୋର ହୋତାଙ୍କ ସଭାପତିତ୍ୱରେ କଂସ ଦରବାରରେ ଅତିଥି ଭାବରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, କୋଶଲ୍ ନେତା ପ୍ରମୋଦ ମିଶ୍ର, ଏବଂ ଶ୍ରମିକ ନେତା ରବି ଶଙ୍କର ମିଶ୍ର



ଯୋଗଦେଇଥିଲେ। ଶିକ୍ଷାବିତ୍ ହୃଷୀକେଶ ଚାନ୍ଦ ସଭା ସଂଯୋଜନା କରିଥିଲେ। କମିଟି ସମ୍ପାଦକ ଅକ୍ଷୟ ସରାଫ୍ ଧନ୍ୟବାଦ ଅର୍ପଣ କରିଥିଲେ। ଯାତ୍ରା ଚରିତରେ କଂସର ସ୍ୱପ୍ନଦର୍ଶନ, ମହାଦେବଙ୍କୁ ସ୍ମରଣ ଓ ତାଙ୍କ ପାଖରୁ ରୁଦ୍ର ଶୂଳପ୍ରାପ୍ତି, କୃଷ୍ଣଙ୍କୁ କଳେବଳେ କଉଶଳେ ମଥୁରାକୁ ଆଣିବା ପାଇଁ ଧନୁଯାତ୍ରାର ଆୟୋଜନ କରିବାକୁ ନାରଦଙ୍କ କଂସ ମହାରାଜଙ୍କୁ ପରାମର୍ଶ ଓ ଅକ୍ରୂରଙ୍କୁ ଗୋପପୁର ପ୍ରେରଣ ପର୍ଯ୍ୟନ୍ତ ଦୃଶ୍ୟ ଅଭିନୀତ ହୋଇଥିଲା। କଳାକାରମାନଙ୍କ ସଂଳାପ ଓ ଅଭିନୟ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା।

## ଗୋପବନ୍ଧୁ ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବ



**ନୂଆପଡ଼ା, ୭।୧(ସମିସ):** ଖରିଆରରୋଡ଼ ଗୋପବନ୍ଧୁ ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ହେମସାଗର ମହାନନ୍ଦ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ବିଶେଷ ଅତିଥି ଭାବେ ଜିଲ୍ଲାପାଳ ମଧୁସୂଦନ ଦାଶ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ. ଶିବପ୍ରସାଦ ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ଦୀନବନ୍ଧୁ ଦାସ, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆରରୋଡ଼ ଏନଏସି ଅଧ୍ୟକ୍ଷା ନିଶାନ୍ତ ଡାଗା ଓ ରାଜୁଚୌହାନ ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଏବିଇଓ ଯୌବନ ସଲମା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁଶାନ୍ତ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ପୁରାତନ ଛାତ୍ର ଦେବାଶିଷ ପାତ୍ରଙ୍କୁ ମରଣୋତ୍ତର କରୋନା ଯୋଦ୍ଧା ପୁରସ୍କାରରେ ସମ୍ମାନିତ କରାଯାଇଛି। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ପୁରାତନ, ବର୍ତ୍ତମାନର ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି।

